### ଅସହ୍ୟ ହେଲାଣି ଖରାତାତି

# ଧୂଷୁରୀରେ ପିଇବାକୁ ମିଳୁନି ପାଣି

**ଅସୁରାଳି, ୪।୪(ସମିସ)**



ଏବେ ଗ୍ରୀଷ୍ମପ୍ରବାହ ଧୀରେ ଧୀରେ ତାର କାୟା ବିସ୍ତାର କରିଚାଲିଛି। ପୂର୍ବାହ୍ନ ୧୦ଟା ପରେ ଲୋକେ ଘର ବାହାରକୁ ବାହାରିବା କଷ୍ଟକର ହୋଇପଡୁଛି। ଆଗକୁ ଏହାର ପରିଣାମ ଆହୁରି ବିଷମ ହେବ ବୋଲି ପରିବେଶବିତ୍ ମାନେ ଏବେଠୁ ଚେତାବନୀ ଦେଲେଣି। କିନ୍ତୁ ଧାମନଗର ବ୍ଲକର ଶତାଧିକ ଗ୍ରାମରେ ଏବେ ପାନୀୟ ଜଳର ସଂକଟ ଉତ୍କଟ ରୂପ ଧାରଣ କରିଥିବା ବେଳେ ଏହାର ନିରାକରଣ ଦିଗରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଉନାହିଁ। ଏଭଳି ଏକ ସମସ୍ୟାର ସମାଧାନ ପାଇଁ ଲୋକେ ବାରମ୍ବାର ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଆକର୍ଷଣ କରି ନୟାନ୍ତ ହେଲାପରେ ମଧ୍ୟ ଅଧିକାରୀମାନେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ଭଳି ମନେ ହେଉଛି। ଏହି ବ୍ଲକର ଧୂଷୁରୀ ଓ ଅସୁରାଳି, କୋଠାରର ବହୁ ନଳକୂପ ଏବେ ଅଚଳ ହୋଇଛି। ବିଶେଷ କରି ରାଜନୀତି ର ପେଣ୍ଠସ୍ଥଳୀ ସାଜିଥିବା ଧୁଷୁରି ବଜାର ରେ ଜଳ କଷ୍ଟ ଅଧିକ ଦେଖିବାକୁ ମିଳୁଛି। ଧୁଷୁରୀ ବଜାରରେ ଜଳ ଯୋଗାଣ ଏକ ପ୍ରକାର ବିପର୍ଯ୍ୟସ୍ତ। ବଜାର ଛକରେ ଥିବା ବସ୍‌ଷ୍ଟାଣ୍ଡରେ ପାନୀୟ ଜଳଯୋଗାଣ ବ୍ୟବସ୍ଥା ଅଚଳ ହୋଇପଡ଼ିଛି। ପୂଜ୍ୟ ପୂଜା ସଂସଦ ଭବନ ପାଖରେ ଥିବା ସୋଲାର ଜଳ ବ୍ୟବସ୍ଥାର ଗେଟ୍‌ରେ ତାଲା ଝୁଲୁଛି। ନିକଟରେ ଦେଖିବାକୁ ମିଳିଥିଲା ଜଣେ ଗରିବ ମା'ତାର କୁନି ଛୁଆଟିକୁ ଟୋପେ ପାଣି ଦେବା ପାଇଁ ବଜାର ସାରା ବୁଲୁଥିଲେ। ଶେଷରେ ଦୋକାନରୁ କୋଡ଼ିଏ ଟଙ୍କା ଖର୍ଚ୍ଚ କରି ପାଣି କିଣି ତାର ଛୁଆକୁ ଦେଇଥିଲେ। ଧୁଷୁରୀ ବଜାର ଉପରେ ହଜାର ହଜାର ଲୋକ ନିର୍ଭର କରନ୍ତି। ଆଉ ଏହି ବଜାର ଦେଇ ବାବା ଆଖଣ୍ଡଳମଣୀ ଧାମକୁ ଲକ୍ଷ ଲକ୍ଷ ଯାତ୍ରୀ ଦୈନିକ ଯାତାୟାତ କରନ୍ତି କିନ୍ତୁ ଏହି ବଜାରରେ ପାଣି ଟୋପେ ପିଇବା ପାଇଁ ନ ମିଳିବାରୁ ଯାତ୍ରୀ ମାନେ ହତାସ ହେଉଛନ୍ତି। ଏକ ପ୍ରକାର ଖରାରେ ଜଳ ଟୋପେ ପାଇଁ ହା ହା କାର ଦେଖାଯାଉଛି ଧୁଷୁରୀ ବଜାରରେ। ବ୍ଲକର ଶତାଧିକ ଗ୍ରାମରେ ଜଳକଷ୍ଟ ପରିଲକ୍ଷିତ ହୋଇଥିବା ବେଳେ ପୂର୍ବରୁ ବସାଯାଇଥିବା ନଳକୂପଗୁଡିକ ଅଚଳ ହୋଇପଡ଼ିଛି। କେବଳ ନଳକୂପ ନୁହେଁ; ଏ ସମସ୍ତ ଅଞ୍ଚଳରେ ରହିଥିବା ବସୁଧା ଓ ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ ଗୁଡିକର ଅବସ୍ଥା ମଧ୍ୟ ତଦ୍ରୂପ। ଅନବରତ ଭୂତଳ ଜଳସ୍ତର କମି ଯାଉଥିବାରୁ ସରକାରଙ୍କ ବଡ଼ ବଡ଼ ପ୍ରକଳ୍ପ ଫେଲ ମାରୁଛି। ଫଳରେ ପିଇବା ପାଣି ପାଇଁ ପ୍ରଚଣ୍ଡ ଖରାରେ ପିଲା ଠାରୁ ବୁଢା ପର୍ଯ୍ୟନ୍ତ ହନ୍ତସନ୍ତ ହେଉଛନ୍ତି। ମେଗା ଯୋଜନାରେ ପ୍ରତ୍ୟେକ ଘରକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣର କାର୍ଯ୍ୟ ହିତରେ ଆସୁନାହିଁ। ଏହି ଯୋଜନାରେ କୋଠାର, ଗୋବିନ୍ଦପୁର, ଅସୁରାଳି, ଚୁଡାକୁଟି, ତୋରବନ୍ତିଆ, ଗଡିଆଳି, ଭଟସାହି, ନଦୀଗାଁ, ପାଳ ସାହି, ସାହସ ପୁର, ଫତେପୁର, ସମେତ ବିଭିନ୍ନ ଅଞ୍ଚଳରେ ଏବେ ପାନୀୟଜଳ ସମସ୍ୟା ଉତ୍କଟ ରୂପ ନେଇଛି। ଏହି ବ୍ଲକର ୧୫ରୁ ଉର୍ଦ୍ଧ୍ୱ ପଞ୍ଚାୟତରେ ଏବେ ଜଳ ସଂକଟ ଉଗ୍ରରୂପ ନେଲାଣି। ପ୍ରତ୍ୟେକ ଗ୍ରୀଷ୍ମଋତୁ ସମୟରେ ଅବଶ୍ୟ ପରିସ୍ଥିତି ଜଟିଳ ହୋଇଥାଏ। କିନ୍ତୁ ଜିଲ୍ଲା ପ୍ରଶାସନ ସେ ଦିଗରେ ଆଗୁଆ ପଦକ୍ଷେପ ନେଇଥାନ୍ତି। କିନ୍ତୁ ଏଠାରେ ନଳକୂପ ଅଚଳ ଓ ପାନୀୟ ଜଳ ସମସ୍ୟା ନେଇ ଜିଲା ପ୍ରଶାସନ ପାଖରେ ତଥ୍ୟ ମହଜୁଦ ରହିଥିଲେ ମଧ୍ୟ ତାର ଆଧାରରେ କୌଣସି ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଯାହା ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି। ବ୍ଲକ ଉନ୍ନୟନ ଅଧିକାରୀ ବନବିହାରୀ ଧନ୍ଦା ଙ୍କୁ ପଚାରିବାରୁ ସେ କହିଲେ ଲିଖିତ ଆକାର ରେ ଅଭିଯୋଗ କଲେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ମହାପ୍ରଭୁଙ୍କ ଦର୍ଶନ କଲେ ଲୋକସଭା ପ୍ରାର୍ଥିନୀ



**ଅସୁରାଳି, ୪।୪(ସମିସ):** ଭଦ୍ରକ ଲୋକସଭା ଆସନର ବିଜେଡି ପ୍ରାର୍ଥିନୀ ଭାବେ ପୁଣି ମଞ୍ଜୁଲତା ମଣ୍ଡଳଙ୍କୁ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁଯୋଗ ଦେଇଛନ୍ତି। ଟିକେଟ ଘୋଷଣା ପରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଛନ୍ତି ସାଂସଦ ପ୍ରାର୍ଥିନୀ ମଞ୍ଜୁଲତା ମଣ୍ଡଳ। ତାଙ୍କ ସହ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପ୍ରାକ୍ତନ ସରପଞ୍ଚ ପ୍ରଦୀପ ପଣ୍ଡା, ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ବିଦ୍ୟୁତ୍‌ଲତା ନାୟକ, ଶଶଧର ସାମଲ, ହରେକୃଷ୍ଣ ଜେନା, ବରିଷ୍ଠ ନେତୃତ୍ୱ ଭୀମସେନ ବାରିକ, ଅଶ୍ୱିନୀ ସାମଲ ଓ ବିଜେଡିର ବହୁ ଆଗ ଧାଡ଼ିର ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ରହି ପ୍ରଭୁଙ୍କର ସିଦ୍ଧି ଲାଭ କରି ଥିଲେ। ସୂଚନା ଯୋଗ୍ୟ ୨୦୧୯ ନିର୍ବାଚନରେ ଅଚାନକ ମଞ୍ଜୁଲତାଙ୍କୁ ଦଳ ପ୍ରାର୍ଥୀ କରିଥିଲା। ସେ ୩୦, ୮୯୮ ଖଣ୍ଡ ଅଧିକ ଭୋଟ ପାଇ ଭଦ୍ରକ ଲୋକସଭାରୁ ବିଜୟୀ ହୋଇଥିଲେ।ତାଙ୍କ ପ୍ରତିଦ୍ୱନ୍ଦୀ ଭାବେ ବିଜେପି ପ୍ରାର୍ଥୀ ଅଭିମନ୍ୟୁ ସେଠୀଙ୍କୁ ୪, ୮୦, ୮୭୪ ଖଣ୍ଡ ଭୋଟ ମିଳିଥିବା ବେଳେ ମଞ୍ଜୁଲତା ୫, ୧୧, ୭୭୨ ଖଣ୍ଡ ଭୋଟ ହାତେଇ ପାରିଥିଲେ।

## କପାଳୀ କ୍ଷେତ୍ରରେ ୩୦ତମ ବାର୍ଷିକୋତ୍ସବ





**ବନ୍ତ/ଆଗରପଡ଼ା, ୪।୪(ସମିସ):** ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତର ନିମପଡ଼ା ସ୍ଥିତ କପାଳୀକ୍ଷେତ୍ର ଠାରେ ଜଗନ୍ନାଥ ମନ୍ଦିର ପରିସରରେ ୩୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ, ଅଷ୍ଟପ୍ରହରୀ ଅଖଣ୍ଡ ନାମ ସଂକୀର୍ତ୍ତନ ସହ ଗାୟତ୍ରୀ ମହାଯଜ୍ଞ ପାଳିତ ହୋଇଛି। ତ୍ରିଦିବସ ବ୍ୟାପୀ ଅନୁଷ୍ଠିତ ଉତ୍ସବର ଘଟୋତ୍ତଳନ, ଘୃତଯଜ୍ଞ, ବିଷ୍ଣୁ ସହସ୍ରନାମ, ଦାରୁବ୍ରହ୍ମଙ୍କ ନୂତନ ବେଶ ସହ ବିଶେଷ ନୀତି ହୋଇଥିଲା। ଏହା ଶ୍ରୀମଦ୍ ଭଗବତ୍ ଗୀତାପାଠ, ଗାୟତ୍ରୀଙ୍କ ସହସ୍ରନାମ ପାଠ କରାଯାଇ ପୂର୍ଣ୍ଣାହୁତି ହୋଇଥିଲା। ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନରେ ସ୍ଥାନୀୟ ମନୋହରପୁରଗ୍ରାମରୁ ଶ୍ରୀଭାଗବତ ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟମାନେ ଯୋଗ ଦେଇଥିଲେ। ଯଜ୍ଞର ମୁଖ୍ୟ କଳସ ଜ୍ଞାନଦା କରଶର୍ମା ଓ ପତ୍ନୀ ଦମୟନ୍ତି ଆଣିଥିବା ବେଳେ ଅଷ୍ଟପ୍ରହରୀର ମୁଖ୍ୟକଳସ ଆଣିଥିଲେ ନାରାୟଣ ଚନ୍ଦ୍ର ବାରିକ। ଏହି ଯଜ୍ଞକର୍ମ ସଂପାଦନ କରିଥିଲେ ପଣ୍ଡିତ ପଦ୍ମନାଭ ପଣ୍ଡା, ଧରଣୀଧର ଦ୍ୱିବେଦୀ ଓ ଅନ୍ନଦା କରଶର୍ମା। ଜଗନ୍ନାଥ କମିଟି, ମହାଯଜ୍ଞ କମିଟିର ସଦସ୍ୟଙ୍କ ସହ ଆଖପାଖ ନିମପଡ଼ା, ରଘୁନାଥପୁର, ନରସିଂହପୁର, ପାଟଣା, ରାମଚନ୍ଦ୍ରପୁର, ପାନପଦୀ, ବାଙ୍ଗରପଦୀ, ଜଗଦୀଶପୁର, ଦୋଳପଦୀ, ସାନବର୍ଚ୍ଛିକୟାଁ ଆଦି ବିଭିନ୍ନ ଗ୍ରାମର ବ୍ୟକ୍ତିବିଶେଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ସଂପାଦିତ ହୋଇଥିଲା।

## କ୍ଷୁଦ୍ର ଜଳସେଚନ ବିଭାଗ ପ୍ରକଳ୍ପ ରକ୍ଷଣାବେକ୍ଷଣାରେ ଅବହେଳା



**ବାରିକପୁର, ୪।୪(ସମିସ):** ପାହାଡ଼ିଆ ଓ କେନାଲ ନ ଥିବା ଚାଷ ଜମିଗୁଡ଼ିକରେ ଜଳସେଚନ ସୁବିଧା ପାଇଁ ପ୍ରଶାସନ ବିଭିନ ଯୋଜନାମାନ ହାତକୁ ନେଉଛନ୍ତି। ବିଭିନ୍ନ ବିଭାଗ ଜରିଆରେ ଏଥିପାଇଁ କୋଟିକୋଟି ଟଙ୍କା ବ୍ୟୟ ବରାଦ ହେଉଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଯୋଜନାର ଅଗ୍ରଗତି ହୋଇପାରୁନାହିଁ। କେଉଁଠି ଆବଶ୍ୟକ ଅନୁଯାୟୀ ପ୍ରକଳ୍ପ ହେଉନାହିଁ ତ ପୁଣି କେଉଁଠି ଗୋଟିଏ ମାତ୍ର ପ୍ରକଳ୍ପ ନିର୍ମାଣ ହୋଇ ଦୀର୍ଘ ବର୍ଷ ହେବ ଅଧପନ୍ତରିଆ ହୋଇ ପଡ଼ିରହିଛି। ଏପରିକି ଗୋଟିଏ ବ୍ଲକରେ ମାତ୍ର ଗୋଟିଏ ପ୍ରକଳ୍ପ ନିର୍ମାଣ କରି ବିଭାଗୀୟ ଅଧିକାରୀ ନିଜ ଦାୟିତ୍ୱ ସାରିଦେଇଛନ୍ତି। ସୂଚନାନୁଯାୟୀ, ଭଦ୍ରକ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଗତ ୨୦୧୬-୧୭ ଆର୍ଥିକ ବର୍ଷରେ ଭଣ୍ଡାରିପୋଖରୀ ବ୍ଲକ କୁରିଗାଁଠାରେ ଏକ ଚେକ୍‌ଡ୍ୟାମ ନିର୍ମାଣ ହୋଇଥିଲା। ଗ୍ରାମର ଡିହସାହି ନିକଟ ଡ୍ରେନେଜ ନାଳ ଉପରେ ଉକ୍ତ ଡ୍ୟାମଟି ନିର୍ମାଣ ହୋଇଥିବା ବେଳେ ଆଖପାଖ ଚାଷ ଜମିକୁ ଜଳସେଚନ କରିବା ଏହାର ଲକ୍ଷ୍ୟ ଥିଲା। ବାଲେଶ୍ୱର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏଥିପାଇଁ ପ୍ରାୟ ୨ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା। ଯେନେତେନେ ଉପାୟରେ ଭଦ୍ରକ ଉପବିଭାଗ କାର୍ଯ୍ୟାଳୟ ପକ୍ଷରୁ ଠିକାଦାର ଜରିଆରେ ଏହାର ନିର୍ମାଣକାର୍ଯ୍ୟ ସାରିଥିଲେ ସୁଦ୍ଧା ଏଥିରେ ଲୁହା ସଟର ସଂଯୋଗ ହୋଇ ନ ଥିଲା। ଏପରିକି ଚେକଡ୍ୟାମର ନିମ୍ନଭାଗରେ କଂକ୍ରିଟ ନିର୍ମାଣ ହୋଇଥିଲେ ବି ଦୁଇ ପାର୍ଶ୍ୱରେ ପଥର ପ୍ୟାକିଂ କିମ୍ବା ଲଞ୍ଚିଂ ହୋଇ ନ ଥିଲା। କାର୍ଯ୍ୟର ସ୍ୱଚ୍ଛତାକୁ ନେଇ ସେତେବେଳେ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଥିଲେ ସୁଦ୍ଧା ଯନ୍ତ୍ରୀମାନେ ଏହାକୁ କର୍ଣ୍ଣପାତ କରି ନ ଥିଲେ। ଏହାର ୨ ବର୍ଷ ପୂର୍ବରୁ ନାଉରିଗଡ଼ିଆ ନିକଟ ଐତିହାସିକ ରାଣୀପୋଖରୀଠାରେ ମଧ୍ୟ ଜଳସେଚନ ସୁବିଧା ପାଇଁ ପ୍ରାୟ କୋଟିଏ ଟଙ୍କା ବ୍ୟୟ ହୋଇଥିଲା। ହେଲେ ବିଭାଗ ତରବରିଆ ଭାବେ କାର୍ଯ୍ୟକୁ ସାରି ଦେଇଥିଲା। ସେ ଯାହାବି ହେଉ ବିଗତ ୧୦ବର୍ଷ ଭିତରେ ବ୍ଲକ ଅଞ୍ଚଳରେ ମାତ୍ର ଗୋଟିଏ ଦୁଇଟି ପ୍ରକଳ୍ପ ହୋଇଥିବା ବେଳେ ବିଭାଗୀୟ ଯନ୍ତ୍ରୀଙ୍କ ଅପାରଗତାକୁ ନେଇ ଅନେକ ପ୍ରଶ୍ନ ଉଠିଛି।

## ସାଂସଦ ପ୍ରାର୍ଥିନୀଙ୍କୁ ଧାମନଗର ବିଜେଡି ପକ୍ଷରୁ ସ୍ୱାଗତ

**ଧାମନଗର, ୪।୪(ସମିସ):** ଭଦ୍ରକରୁ ସାଂସଦ ପ୍ରାର୍ଥୀ ଭାବେ ବିଜେଡିରୁ ଦ୍ୱିତୀୟଥର ପାଇଁ ମଞ୍ଜୁଲତା ମଣ୍ଡଳ ସୁଯୋଗ ପାଇଥିବାରୁ ଧାମନଗର ବିଜେଡି ମହଲରେ ଖୁସିର ଲହରୀ ଖେଳିଯାଇଛି। ଏହି ପରିପ୍ରେକ୍ଷୀରେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବ୍ଲକ ଅଧକ୍ଷା ଶର୍ମିଷ୍ଠା ବେହେରା, ପ୍ରାକ୍ତନ ବ୍ଲକ ଅଧକ୍ଷ ଅଶୋକ କୁମାର ନାୟକ, ଉପାଧକ୍ଷ ଜଗବନ୍ଧୁ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ସାରଦା ପ୍ରସନ୍ନ ସାହୁ, ଟୁନିବାଳା ବିଶ୍ୱାଳ, ଉର୍ମିଳା ବିଶ୍ୱାଳ, ବିଜେଡି ବ୍ଲକ ସଭାପତି ଉମେଶ ମହାନ୍ତି, ନଗର ମହିଳା ସଭାନେତ୍ରୀ ତଥା ଏନଏସି ଅଧକ୍ଷା ନିବେଦିତା ଜେନା, ଉପାଧକ୍ଷ ଓସିମ ଏଜଦାନି କାଦରି, ବ୍ଲକ ଯୁବ ଭାରତ ବିଜୟ ଦଲେଇ, ନଗର ସଭାପତି ସୁଶାନ୍ତ ରାଉତ, ହରେକୃଷ୍ଣ ପାଢ଼ୀ, ପ୍ରତାପ ସାମଲ, ଦୟାନିଧି ମିଶ୍ର, ବିନୋଦ ନାୟକଙ୍କୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେହିପରି ସରପଞ୍ଚ ଓ ସମିତି ସଭ୍ୟଙ୍କ ସମେତ ସମସ୍ତ ପଞ୍ଚାୟତର ସଭାପତି ଓ କାଉନସିଲର ଏବଂ ନଗର ଯୁବ ଓ ଛାତ୍ର ସଭାପତି, ସଂଖ୍ୟାଲଘୁ ନେତା ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଧାରାକୁ ଆଧାର କରି ସାଂସଦ ପ୍ରାର୍ଥିନୀ ମଞ୍ଜୁଲତା ମଣ୍ଡଳ ଏବଂ ବିଧାୟକ ପ୍ରାର୍ଥୀ ଡାକ୍ତର ସଞ୍ଜୟ ଦାସଙ୍କୁ ସ୍ୱାଗତ କରିବା ସହିତ ଆଗାମୀ ନିର୍ବାଚନରେ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ କରି ଆମର ପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ଆହ୍ୱାନ ଦେଇଛନ୍ତି।

### ଧାମରା ସଂଘ ପକ୍ଷରୁ ବସନ୍ତ ସାହିତ୍ୟ ଆସର

## ଯନ୍ତ୍ରଣାଦଗ୍ଧ ପ୍ରାଣରେ ଶୀତଳତା ଭରେ ବସନ୍ତ



**ରାଉରକେଲା/ଭଦ୍ରକ, ୪।୪(ସମିସ)**

ଆଜିର ଉଗ୍ର ଆଧୁନିକତା ଯୁଗରେ କୃଷ୍ଣଚୂଡ଼ା, ବନପଳାଶ, ଶିମୁଳିର ରଙ୍ଗ, ହଳଦୀବସନ୍ତର ପ୍ରୀତି ଅନୁରାଗ ସାମୟିକ ଭାବେ ଚହଲାଇ ଦିଏ କବି, ଭାବୁକ, ରସିକ ଚପଳମତି ପ୍ରାଣକୁ। ଆଜିର ଯନ୍ତ୍ରଣା ଦଗ୍ଧ ପ୍ରାଣକୁ ଶୀତଳଚନ୍ଦନ ପ୍ରଲେପନ କରି ଏକ ପ୍ରୀତି ମଧୁର ସମାଜ ଗଠନରେ ଅନନ୍ୟ ଭୂମିକା ଗ୍ରହଣ କରେ ଋତୁରାଜ ବସନ୍ତ। ତେଣୁ ବସନ୍ତ ପ୍ରେମରେ ବିଭୋଗର କରେ ବୋଲି ରାଉରକେଲା ଛେଣ୍ଡ ସ୍ଥିତ ଧାମରା ସଂଘ ଦ୍ୱାରା ଆୟୋଜିତ ବସନ୍ତ କବିତା ଆସରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାରସ୍ୱତ ସାଧକ ପ୍ରାଧ୍ୟାପକ ଡ. ଅଶ୍ୱିନୀ ରାୟ କହିଛନ୍ତି। ସଂଘର ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ସ୍ମିତା ସୁଚରିତା କବିତାରେ ଥିବା ବସନ୍ତ ସଂପର୍କରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବେ ଗୋପୀନାଥ ପଟ୍ଟନାୟକ ଯୋଗ ଦେଇଥିବା ବେଳେ ସଂଘର ସାଧାରଣ ସମ୍ପାଦକ ଭଗବାନ ରାଉତ ସମ୍ପାଦକୀୟ ଅଭିଭାଷଣ ପ୍ରଦାନ କରିଥିଲେ। ସାଂସ୍କୃତିକ ସମ୍ପାଦକ ସୁଶାନ୍ତ କୁମାର ନାୟକଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟ ସମ୍ପାଦିକା ନିରୁପମା ପତି ମଞ୍ଚ ପରିଚାଳନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅଙ୍ଗୁରବାଳା ପରିଡ଼ାଙ୍କ ସଭାପତିତ୍ୱ ଓ ସମ୍ମାନିତ ଅତିଥି ଡ. ସୁଚିତ୍ରା ମହାନ୍ତିଙ୍କୁ ନେଇ ଏକ କବିତାପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଡ. ଲକ୍ଷ୍ମୀମାଝୀ, ମାନସୀ ମହାପାତ୍ର ଏବଂ ଗୀତାରାଣୀ ବେହେରାଙ୍କ ସଂଯୋଜନାରେ ତ୍ରିନାଥ ସିଂହ, ମୀନକେତନ ପଶାୟତ, ତ୍ରିଲୋଚନ ସ୍ୱାଇଁ, ଅଶ୍ୱିନୀ ରାୟ, ପ୍ରତାପ ପଣ୍ଡା, ଉପେନ୍ଦ୍ର ବସ୍ତିଆ, ଗଦାଧର ରଥ, କାଶୀନାଥ ନନ୍ଦୀ, କନକଲତା ମିଶ୍ର, ସୁନିତା ସାହୁ, ସଞ୍ଜୀବ ଭୋଇ, ଅଙ୍ଗୁରବାଳା ପରିଡ଼ା, ଗୁଣନିଧି ମହଲା, ଲକ୍ଷ୍ମୀପ୍ରିୟା ମଲ୍ଲିକ, ରାହୁଲ ଭୋଇ, ଅଲିଭା ଟପ୍ପୋ, ଯାଜ୍ଞସେନୀ ସେଠୀ, ଅଳୁ ମେହେର, ଦୁଷ୍ମନ୍ତ ଦିପ ପ୍ରମୁଖ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ କୁମାର ଦାସ, ବାଳକୃଷ୍ଣ ସ୍ୱାଇଁ, ସୂର୍ଯ୍ୟନାରାୟଣ ପଣ୍ଡା ସହଯୋଗ କରିଥିଲେ। ବସନ୍ତ ବିଶ୍ୱକର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବ




**ଭଦ୍ରକ, ୪।୪(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଦିଗଛିଆ ମୁନି ପଡ଼ିଆରେ ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରର ୬ଷ୍ଠ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଅବସରପ୍ରାପ୍ତ ସହ ଶିକ୍ଷାଧିକାରୀ ଜୟକୃଷ୍ଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଗୋପବନ୍ଧୁ ଶିକ୍ଷା ବିସ୍ତାର ସମିତି, ଓଡ଼ିଶାର ସମ୍ପାଦକ ମଧୁସୂଦନ ପାତ୍ର, ପ୍ରଚାର ପ୍ରସାର ପ୍ରମୁଖ ପ୍ରଦ୍ୟୁମ୍ନ କୁମାର ନାୟକ, ସଂଯୋଜକ ସୁକାନ୍ତ ବିଶୋଇ, ସିଆରସିସି ସୁଶାନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇ ଉତ୍କଳମଣି ଗୋପବନ୍ଧୁଙ୍କ ନାମରେ ନାମିତ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଶରତ ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା ଚିନ୍ମୟୀ ରାଉତ ବାର୍ଷିକ ବିବରଣୀ ପାଠ କରିବା ସହ ଗୁରୁମା ମଧୁସ୍ମିତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବର୍ଷିକ ପରୀକ୍ଷା ଓ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ଗୁରୁମା ନିରୂପମା ଦାସ, ଚୁନିତା ସାହୁ, ସିପ୍ରାରାଣୀ ନାୟକ, କୀର୍ତ୍ତିମୟୀ ଦାସ, ସୀମାରାଣୀ ବାରିକ, ସୁଭଦ୍ରା ମାଝି, ମିନାରାଣୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।




### ● ବନ୍ଦ ଘରୁ ମହିଳାଙ୍କ ଶବ ଉଦ୍ଧାର ଘଟଣା

## ଖିଅ ପାଇଛି ପୁଲିସ

**ଭଦ୍ରକ, ୪।୪(ସମିସ):** ଗତ ୩୦ତାରିଖ ସନ୍ଧ୍ୟାରେ ଭଦ୍ରକ ସହରାଞ୍ଚଳ ଥାନା ଅଧିନ ଅପର୍ତିବିନ୍ଧା ନିଉ କଲୋନୀ ସ୍ଥିତ ଏକ ଭଡ଼ା ବନ୍ଦ ଘର ଭିତରୁ ଜଣେ ମହିଳାଙ୍କ ଗଳିତ ଶବ ଉଦ୍ଧାର ହେବା ଘଟଣାରେ ପୁଲିସ ଖିଅ ପାଇଛି। ଦୀର୍ଘ ୧୫ଦିନ ହେବ ଉକ୍ତ ଘର କବାଟ ବନ୍ଦ ରହିଥିଲା। ତେବେ ଉକ୍ତ ଘରୁ ପ୍ରବଳ ଦୁର୍ଗନ୍ଧ ବାହାରିବାରୁ ଘର ମାଲିକଙ୍କ ଠାରୁ ସୂଚନା ପାଇ ସୁଦୂର ମୁମ୍ବାଇରେ ରହୁଥିବା ମୃତାଙ୍କଙ୍କ ସ୍ୱାମୀ ପୁଲିସକୁ ଖବର କରିଥିଲେ। ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଟାଉନ ପୁଲିସ ସହ ସାଇଣ୍ଟିଫିକ ଓ ଫରେନ୍‌ସିକ୍ ଟିମ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ବନ୍ଦ ଘର ତାଲା ଭାଙ୍ଗି ମହିଳାଙ୍କ ଗଳିତ ଶବକୁ ଉଦ୍ଧାର କରିଥିଲେ। ମୃତ ମହିଳା ଜଣଙ୍କ ହେଲେ ମଧୁସ୍ମିତା ନାୟକ ଓ ତାଙ୍କ ସ୍ୱାମୀ ହେଲେ ମହୋଶ୍ୱର ନାୟକ। ମୃତଶରୀରର ନିକଟରୁ ଛୁରି ଓ ଏକ ଟ୍ୱିୱେଲ ରଡ ଜବତ ହୋଇଥିଲା। ତେବେ ମହିଳାଙ୍କ ମୋବାଇଲ ଫୋନ ଜବତ ହୋଇନଥିଲା। ଭଦ୍ରକ ଜିଲ୍ଲା ତିହିଡି ଥାନା ଅଧୀନ ଗୋଳାପୋଖରୀରେ ତାଙ୍କ ଘର ବୋଲି ଜଣାଯାଇଛି। ସୂଚନା ଅନୁଯାୟୀ ମୃତା ମହିଳାଙ୍କ ସ୍ୱାମୀ ସ୍ୱାମୀ ମହୋଶ୍ୱର ନାୟକ ମୁମ୍ବାଇରେ ରହି ଚାକିରି କରୁଥିବା ବେଳେ ସ୍ତ୍ରୀ ମଧୁମିତା ଅପର୍ତ୍ତିବିନ୍ଧା ନିଉ କଲୋନୀରେ ଗତ ୬ମାସ ହେବ ଭଡା ଘରେ ରହୁଥିଲେ। ତେବେ ସ୍ୱାମୀ ମହେଶ୍ୱର ଗତ ୧୪ ଦିନ ହେବ ସ୍ତ୍ରୀକୁ ଫୋନ କରିବାରୁ ସ୍ତ୍ରୀ ମଧୁସ୍ମିତା ସ୍ୱାମୀଙ୍କ ଫୋନ ଆଦୌ ଉଠାଉ ନଥିଲେ। ଫଳରେ ତାଙ୍କର ସନ୍ଦେହ ହେବାରୁ ସ୍ୱାମୀ ମହେଶ୍ୱର ଆସି ଭଦ୍ରକ ଟାଉନ ପୁଲିସକୁ ଖବର କରିଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତି ରେ କବାଟ ଭାଙ୍ଗି ମୃତ ଦେହ ଉଦ୍ଧାର କରିବା ସହ ଏକ ସାଇଣ୍ଟିଫିକ ଟିମ ସହ ସନ୍ଧାନୀ କୁକୁର ଆଣି ଅଧିକ ତଦନ୍ତ କରୁଛି। ଏହି ଘଟଣାରେ ଟାଉନ ପୁଲିସ ସ୍ୱାମୀ ମହେଶ୍ୱରଙ୍କ ଏତଲାକ୍ରମେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମୋବାଇଲ ଫୋନ ଟ୍ରାକିଂ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦିଗ ଗୁଡିକୁ ତଦନ୍ତ ପରିସରଭୁକ୍ତ କରି ଟାଉନ ପୋଲିସ ହତ୍ୟାକାରୀଙ୍କୁ ଠାବ କରିବା ସହ ହତ୍ୟାର କାରଣ ସ୍ପଷ୍ଟ କରିଥିବା ଜଣାଯାଇଛି। ତେବେ ତଦନ୍ତରେ ବ୍ୟାଘାତ ଆଶଂକାରେ ପୁଲିସ ସୂଚନାକୁ ସର୍ବସାଧାରଣ କରୁନଥିବା ଜଣାଯାଇଛି।






## ବିଭିନ୍ନ ଚୋରିରେ ସଂପୃକ୍ତ ବ୍ୟକ୍ତି ଗିରଫ



**ତିହିଡ଼ି,୪।୪(ସମିସ):** ତିହିଡ଼ି ଓ ସାବରଙ୍ଗ ଥାନା ଅଧୀନ ବିଭିନ୍ନ ଚୋରି ଘଟଣାରେ ସଂପୃକ୍ତ ଜନୈକ ଯୁବକଙ୍କୁ ତିହିଡ଼ି ପୁଲିସ ଗିରଫ କରିଛି। ଯୁବକ ଜଣକ ହେଉଛନ୍ତି ପ୍ରଶାନ୍ତ ରାଉଳ। ତାଙ୍କ ଘର ସାବରଙ୍ଗ ଥାନା ବଡ଼ଗୋପାଳସାହିରେ ବୋଲି ସୂଚନା ମିଳିଛି। ଗତ ବର୍ଷ ଅକ୍ଟୋବର ମାସ ୩ ତାରିଖରେ ତିହିଡ଼ି ମିର୍ଜାପୁରରେ ଏକ ଦୋକାନରୁ ପ୍ରିଣ୍ଟର ଆଦି ଚୋରି ହୋଇଥିଲା। ସେହିପରି ସେହି ବର୍ଷ ତିହିଡ଼ି ଥାନା ଅଧୀନରେ ଅନ୍ୟ ୨ ସ୍ଥାନରୁ ମଧ୍ୟ ଚୋରି ହୋଇଥିଲା। ଏହି ଚୋରି ଘଟଣାରେ ପ୍ରଶାନ୍ତ ରାଉଳଙ୍କୁ ଗିରଫ କରାଯାଇଛି। ତିହିଡ଼ି ପୁଲିସ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଚଳିତ ବର୍ଷ ସାବରଙ୍ଗ ଥାନା ଅଧୀନରେ ଦୁଇ ଗୋଟି ଚୋରି ଘଟଣାରେ ସଂପୃକ୍ତ ଥିବା ମଧ୍ୟ ଜଣାପଡ଼ିଛି।

## ମଦ ଜବତ; ୨ ମହିଳା ସମେତ ୪ ଗିରଫ

**ତିହିଡି,୪।୪(ସମିସ):** ତିହିଡ଼ି ଅବକାରୀ ଥାନା ପକ୍ଷରୁ ପୀରହାଟ ଅଞ୍ଚଳରେ ଚଢ଼ଉ କରାଯାଇ ଦେଶୀ ଓ ବିଦେଶୀ ମଦ ଜବତ କରାଯିବା ସହ ୪ ଜଣଙ୍କୁ ଗିରଫ କରାଯାଇଛି। ୩.୬୦୦ ଲିଟର ବିଦେଶୀ ମଦ, ୧୧.୮୫୦ ବିଅର ଓ ୫.୪୦୦ ଲିଟର ଆସ୍କା ଫୋଟି ମଦ ଜବତ କରାଯାଇଥିବା ବେଳେ ସାହାପୁରର ରେବତୀ ମହାଳିକ, ଟୁଭିର ଦିବାକର ମହାନ୍ତି, ହରିପୁରର ବାସନ୍ତୀ ମହାନ୍ତି ଓ ବାହାବଳପୁରର ମାନସ ସାହୁଙ୍କୁ ଗିରଫ କରାଯାଇଛି। ସୂଚନା ଯୋଗ୍ୟ, ତିହିଡ଼ିର ବିଭିନ୍ନ ସ୍ଥାନରେ ଚୋରା ମଦ ବ୍ୟବସାୟ ଉଦବେଗଜନକ ଭାବେ ବୃଦ୍ଧି ପାଇଛି। ଆଗକୁ ନିର୍ବାଚନ ଥିବାରୁ ଚୋରା ମଦ ଉପରେ ରୋକ ଲଗାନଗଲେ ଅବସ୍ଥା ଅଣାୟତ ହେବା ସହ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ବୋଲି କୁହାଯାଉଛି।

## ସୋସିଆଲ ମିଡିଆରେ ପୋଷ୍ଟିଂ କରୁଥିବାରୁ ଯୁବକଙ୍କୁ ଆକ୍ରମଣ

**ଭଦ୍ରକ,୪।୪(ସମିସ):** ବିଜେଡି ସପକ୍ଷରେ ସୋସିଆଲ ମିଡିଆରେ ପୋଷ୍ଟ କରିବା ଜଣେ ଯୁବକ ପାଇଁ ଭାରି ପଡିଛି । ତାଙ୍କୁ ବିଜେପିର ଜଣେ ସମିତିସଭ୍ୟ ଓ ତାଙ୍କ ଭାଇ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ଉଭୟଙ୍କ ନାମରେ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ଚାନ୍ଦବାଲି ବ୍ଲକ ଖେରଙ୍ଗ ପଞ୍ଚାୟତ ଅନ୍ତର୍ଗତ ପଳାଶପୁର ଗାଁର ମହେନ୍ଦ୍ର ପାତ୍ର ନାମକ ଯୁବକ ସୋସିଆଲ ମିଡିଆରେ ବିଜେଡି ସପକ୍ଷରେ ପୋଷ୍ଟ କରିବା ସହ ବିଜେପିକୁ ସମାଲୋଚନା କରୁଥିଲା। ତାର ଏପରି କାର୍ଯ୍ୟରେ ଉତ୍କ୍ଷିପ୍ତ ହୋଇ କିଛି ଦିନ ତଳେ ନାଲଗୁଣ୍ଡା ପଞ୍ଚାୟତର ସମିତିସଭ୍ୟ ଅଭୟ ବଳ ମାଡ଼ ମାରିଥିବାର ଏକ ଲିଖିତ ଅଭିଯୋଗ ଚାନ୍ଦବାଲି ଥାନାରେ ହୋଇଥିଲା। ପୁଣି ଗତକାଲି ତାର ଭାଇ ଓ ଅନ୍ୟ ଜଣେ ସହଯୋଗୀ ମହେନ୍ଦ୍ରକୁ ଏକୁଟିଆ ପାଇ ମତୋ ବଜାରରେ ଭୁଜାଲିରେ ଆକ୍ରମଣ କରିଥିଲେ। ଆହତ ଅବସ୍ଥାରେ ତାଙ୍କୁ ଚାନ୍ଦବାଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭଦ୍ରକ ଡାକ୍ତରଖାନାକୁ ସ୍ଥାନତରିତ କରାଯାଇଛି।

## ହଜିଯାଇଥିବା ଶିଶୁକୁ ଫେରି ପାଇଲେ ପିତାମାତା



**ଭଦ୍ରକ,୪।୪(ସମିସ):** ହଜିଯାଇଥିବା ଶିଶୁକୁ ଫେରିପାଇଲେ ବାପାମାଆ। ଭଦ୍ରକ ଟାଉନ୍ ଥାନାରେ ନିଖୋଜ ଶିଶୁ ସଂପର୍କିତ କାର୍ଯ୍ୟରତ ଦୁଇ ଜଣ ପିଏଲ୍‌ଭି (ସ୍ୱେଚ୍ଛାସେବୀ) ସନ୍ତୋଷ କୁମାର ସ୍ୱାଇଁ, ଶକୁନ୍ତଳା ପାତ୍ରଙ୍କ ଉପସ୍ଥିତିରେ ନିଖୋଜ ଶିଶୁଟିକୁ ତାର ପିତାମାତାଙ୍କୁ ଜିମା ଦିଆଯାଇଛି। ସୂଚନାଯୋଗ୍ୟ, ଚରମ୍ପା କଣ୍ଟାପାଳ ଗ୍ରାମର ରବିନ୍ଦ୍ର ମୁଣ୍ଡା ଓ କାନ୍ତୁ ମୁଣ୍ଡାଙ୍କ ୧୦ ବର୍ଷର ଶିଶୁପୁତ୍ର ସୂର୍ଯ୍ୟ ମୁଣ୍ଡା ଗତ ଫେବୃଆରୀ ୧୬ ତାରିଖରୁ ନିଖୋଜ ଥିଲେ। ଉଭୟ ପିତାମାତା ସବୁଆଡ଼େ ଖୋଜାଖୋଜି ପରେ ପିଲାଟିକୁ ନ ପାଇବାରୁ ଭଦ୍ରକ ଟାଉନ୍ ଥାନାରେ ଏତଲା ଦେଇଥିଲେ। ତେବେ ପିଲାଟି ମିଳିବା ପରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣଙ୍କ ତରଫରୁ ନିଖୋଜ ଶିଶୁ ସଂପର୍କିତ ତଥ୍ୟ ଦେବା ପାଇଁ ତାଲିକାଭୁକ୍ତ ସ୍ୱେଚ୍ଛାସେବୀ (ପିଏଲ୍‌ଭି) ସନ୍ତୋଷ କୁମାର ସ୍ୱାଇଁ ଓ ଶକୁନ୍ତଳା ପାତ୍ର ଶିଶୁକୁ ଭଦ୍ରକ ଟାଉନ୍ ଥାନାରେ ଜିମା ଦେଇଥିଲେ। ଆଜି ପିତାମାତାଙ୍କୁ ଶିଶୁଟିକୁ ଅର୍ପଣ କରାଯାଇଛି।

## ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ

**ବାରିକପୁର/ମଞ୍ଜୁରୀରୋଡ଼,୪।୪(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର ସାମ୍ବାଦିକ ଦୁର୍ଯ୍ୟୋଧନ ଲେଙ୍କାଙ୍କୁ ଆଜି ଜନୈକ ଯୁବକ ପ୍ରାଣଘାତକ ଆକ୍ରମଣ କରିଛନ୍ତି। ଆଜି ମଧ୍ୟାହ୍ନ ସାଢେ ୧୨ଟା ବେଳେ ଶ୍ରୀ ଲେଙ୍କା ଭଣ୍ଡାରିପୋଖରୀ ବଜାର ପଟୁ ବ୍ଲକ ଛକ ଅଭିମୁଖେ ଯାଉଥିବା ବେଳେ ସରସଦା ପଞ୍ଚାୟତ ଭାଟଣା ଗ୍ରାମର ଶ୍ରୀକାନ୍ତ ଜେନା ନାମକ ଯୁବକ ଏକ କାର୍‌ରେ ଆସି ତାଙ୍କୁ ଅଟକାଇଥିଲା। ଏହାପରେ ସାମ୍ବାଦିକଙ୍କୁ ଯୁବକ ଜଣକ ଗାଳିଗୁଲଜ କରିବା ସହ ବାମପଟ ମସ୍ତିଷ୍କ ଓ କାନ ମୂଳକୁ ପ୍ରାଣଘାତକ ଆକ୍ରମଣ କରିଥିଲେ। ଦିନ ଦ୍ୱିପ୍ରହରରେ ବ୍ଲକର ଏହି ଜନଗହଳି ପୂର୍ଣ୍ଣ ରାସ୍ତାରେ ଯୁବକ ଜଣକ ଏହିଭଳି ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକେ ସାମ୍ବାଦିକଙ୍କୁ ଉଦ୍ଧାର କରି ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇ ଚିକିତ୍ସା କରାଇଥିଲେ।



ଅଧିକ ଚିକିତ୍ସା ପାଇଁ କାନ ମୂଳି ଓ ମସ୍ତିଷ୍କର ସିଟି ସ୍କାନ ସକାଶେ ଡାକ୍ତର ପରାମର୍ଶ ଦେଇଥିବା ବେଳେ ଶ୍ରୀ ଲେଙ୍କା ଏନେଇ ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ଏଠାରେ ସୂଚିତ ଯୁବକ ଜଣକ ସପ୍ତାହେ ପୂର୍ବରୁ ସାମ୍ବାଦିକଙ୍କ ଗାଁ ରାଢୋ ଛକ ଠାରେ ପହଞ୍ଚି ଅତି କଦର୍ଯ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଶ୍ରୀ ଲେଙ୍କାଙ୍କୁ ଆକ୍ଷେପ କରି ସ୍ଥାନୀୟ ଲୋକଙ୍କ ସାମ୍ନାରେ ସମ୍ମାନହାନୀ ହେଲା ଭଳି ଶବ୍ଦ ପ୍ରୟୋଗ କରିଛନ୍ତି। କୌଣସି ଖବର ପ୍ରସାରଣକୁ କେନ୍ଦ୍ର କରି ସଂପୃକ୍ତ ଯୁବକ ଜଣକ ଏଭଳି ଆକ୍ରମଣ କରିଥିବା ଜଣାପଡ଼ିଛି। ତେଣୁ ଜଣେ ବରିଷ୍ଠ ସାମ୍ବାଦିକଙ୍କୁ ଏଭଳି ଅମାନୁଷିକ ଆକ୍ରମଣ ଘଟଣାକୁ ଭଣ୍ଡାରିପୋଖରୀବାସୀ ଦୃଢ଼ ନିନ୍ଦା କରିଥିବା ବେଳେ ଅଭିଯୁକ୍ତକୁ ତୁରନ୍ତ ଗିରଫ କରିବା ପାଇଁ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି, ରାଜନୈତିକ ନେତୃବୃନ୍ଦ, ବରିଷ୍ଠ ନାଗରିକ, ସମାଜସେବୀଙ୍କ ସମେତ ଜନସାଧାରଣ ମାନେ ଦାବି କରିଛନ୍ତି।

## ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ଭଣ୍ଡାରିପୋଖରୀ,୪।୪(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଚନ୍ଦ୍ରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଶିକ୍ଷାବିତ ପୁରୁଷୋତ୍ତମ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ କାର୍ତ୍ତିକ୍ ଚନ୍ଦ୍ର ସ୍ୱାଇଁ, ମୁଖ୍ୟବକ୍ତା ଭାବେ କବି ସନ୍ତୋଷ କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ କେଶବ ଚନ୍ଦ୍ର ସାମଲ, ପ୍ରଫୁଲ୍ଲ ସାହୁ, ଘନଶ୍ୟାମ ସ୍ୱାଇଁ, ଜୟଦେବ ସେନାପତି, କମିଟି ଚେୟାରମ୍ୟାନ ରବୀନ୍ଦ୍ର ରାଉତ, ବଟକୃଷ୍ଣ ଯେନା, ଶିକ୍ଷୟିତ୍ରୀ ପ୍ରୀତିପଦ୍ମା ଦାସ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଅତିଥି ପରିଚୟ ଶିକ୍ଷକ ମହେଶ୍ୱର ରାଉତ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର କୁଣ୍ଡୁ ବିବରଣୀ ଓ ସ୍ନିଗ୍ଧାରାଣୀ ଯେନା ଧନ୍ୟବାଦ ଦେଇଥିଲେ।

### ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଜବ ଚିକିତ୍ସା

# ଗୋଡ଼ହାତ ବିନ୍ଧା ରୋଗୀଙ୍କୁ କୁକୁର କାମୁଡ଼ା ଇଞ୍ଜେକସନ

**ଭଦ୍ରକ,୪।୪(ସମିସ)**





ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁତର ଅବ୍ୟବସ୍ଥା ଦେଖାଦେଇଛି। ହାତଗୋଡ ବିନ୍ଧା ଇଞ୍ଜେକସନ ବଦଳରେ ଜଣେ ରୋଗୀଙ୍କୁ ଭୁଲ୍‌ରେ କୁକୁର କାମୁଡା ଇଞ୍ଜେକସନ ଦେବା ଭଳି ବ୍ୟତିକ୍ରମ ଦେଖାଦେଇଛି। ସୂଚନାଯୋଗ୍ୟ, ଭଣ୍ଡାରିପୋଖରୀ ଥାନା ଅଧୀନ ଦକ୍ଷିଣବାଡ ଗାଁର ୫୬ ବର୍ଷୀୟ ବିଜୟ ବିଶ୍ୱାଳଙ୍କ ଥଣ୍ଡା ଯୋଗୁଁ ଗୋଡ ଓ ହାତ ବିନ୍ଧାବିନ୍ଧି ହେଉଥିଲା। ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଡାକ୍ତରଙ୍କୁ ଦେଖାଇଥିଲେ। ଡାକ୍ତର ତାଙ୍କୁ ଦେଖି ପ୍ରେସକ୍ର୍ୟସନ ମଧ୍ୟ ଲେଖିଥିଲେ। ସେ ଅନ୍ୟ ଔଷଧ ସହ ଡାଇକ୍ଲୋଫିନାକ ଇଞ୍ଜେକସନ ନେବାକୁ ପରାମର୍ଶ ଦେଇଥିଲେ। ବିଜୟ ଇଞ୍ଜେକସନ ନେବା ପାଇଁ ଲାଇନ୍‌ରେ ଥିଲେ। ସେଠାରେ ଇଞ୍ଜେକସନ ଦାୟିତ୍ୱରେ ଥିବା ନର୍ସ ଡାଇକ୍ଲୋଫିନାକ ଇଞ୍ଜେକସନ ବଦଳରେ ତାଙ୍କୁ କୁକୁର କାମୁଡା ଇଞ୍ଜେକସନ ଦେଇଥିଲେ। ଏହା ଜାଣିବା ପରେ ବିଜୟଙ୍କ ପରିବାର ଲୋକେ ନର୍ସଙ୍କୁ ଏ ସଂକ୍ରାନ୍ତରେ ପଚାରି ବୁଝିଥିଲେ। ହେଲେ ସମାଧାନ ପରିବର୍ତ୍ତେ ସଂପୃକ୍ତ ନର୍ସ ବିଜୟଙ୍କ ପ୍ରେସକ୍ର୍ୟସନ ନେଇ ଡାକ୍ତରଖାନାରୁ ଛୁ ମାରିଥିଲେ। ପରେ ଏହି ଘଟଣା ନେଇ ଡାକ୍ତରଖାନାରେ ଉତ୍ତେଜନା ଦେଖାଦେଇଥିଲା। ଭଣ୍ଡାରିପୋଖରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ବିଜୟଙ୍କୁ ପରିବାର ଲୋକେ ତାଙ୍କୁ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ସଂପୃକ୍ତ ନର୍ସଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଟେଣ୍ଡାଣ୍ଟ ଡାକ୍ତର କମଳାକାନ୍ତ ସ୍ୱାଇଁ ଏହି ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

### ଶ୍ରୀରାମ ନବମୀ ମହୋତ୍ସବ ପାଇଁ ପ୍ରଶାସନିକ ପ୍ରସ୍ତୁତି ବୈଠକ

# ଶୋଭାଯାତ୍ରାରେ ରାଜନୈତିକ ପତାକା, ବ୍ୟାନର ନିଷେଧ





**ଭଦ୍ରକ,୪।୪(ସମିସ):** ଓଡ଼ିଶା ପ୍ରସିଦ୍ଧ ଭଦ୍ରକର ଶ୍ରୀରାମ ନବମୀ ମହୋତ୍ସବ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭଦ୍ରକ ଏସ୍‌ପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ରାମଦାସ ଟୁଡ୍ଡୁ, ଉପଜିଲ୍ଲାପାଳ ମନୋଜ ପାତ୍ର, ଡେପୁଟି କଲେକ୍ଟର ଜୁଡ଼ିସିଆଲ କାର୍ତ୍ତିକନାଥ ମଣ୍ଡଳ ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ। ଶ୍ରୀରାମ ନବମୀ ମହୋତ୍ସବ ପାଳନ ନେଇ ଶ୍ରୀରାମ ମହାଯଜ୍ଞ ସମିତିର ବିଭିନ୍ନ କାର୍ଯ୍ୟସୂଚୀ ସମ୍ବନ୍ଧରେ ଶ୍ରୀରାମ ନବମୀ ପାଳନ କମିଟି ସମ୍ପାଦକ ଶରତ ପଡ଼ିଆରୀ ବୈଠକରେ ସୂଚନା ପ୍ରଦାନ କରିଥିଲେ।

ସୂଚନା ଅନୁଯାୟୀ, ଏହି ଉତ୍ସବ ପାଳନ ଉପଲକ୍ଷେ ଗତ ମାର୍ଚ୍ଚ ୩୧ରେ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇସାରିଛି। ଏପ୍ରିଲ ୯ରେ ରାଷ୍ଟ୍ରୀୟ ନବବର୍ଷ ପାଳନ, ଗୋପୂଜନ, ସାଧୁସନ୍ଥ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏପ୍ରିଲ ୧୧ରୁ ୧୭ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ, ୧୫ ଏପ୍ରିଲରେ କଳସ ଶୋଭାଯାତ୍ରା, ଏପ୍ରିଲ ୧୬ରେ ୧୦୮ ହନୁମାନ ଚାଳିଶା ପାଠ, ଏପ୍ରିଲ ୧୭ରେ ୧୨ କିଲୋମିଟର ରାସ୍ତାରେ ନଗର ସଂକୀର୍ତ୍ତନ ଶୋଭାଯାତ୍ରା ଅନୁଷ୍ଠିତ ହେବ। ବିଭିନ୍ନ ମେଢ଼ ସହ ଏହି ନଗର ସଂକୀର୍ତ୍ତନ ନେହରୁ ଷ୍ଟାଡ଼ିୟମ୍ ଓ ସଦାବର୍ତ୍ତ ମଠରୁ ବାହାରି ନିର୍ଦ୍ଧାରିତ ମାର୍ଗ ଅତିକ୍ରମ କରି ଗାନ୍ଧୀ ପଡ଼ିଆରେ ପହଞ୍ଚିବ।

- ପାଳନ ହେବ ନିର୍ବାଚନ ଆଚରଣବିଧି
- ବ୍ୟବହାର ହେବନି ଭାଇବ୍ରେଟର ଓ ଅବକାରୀ ସାମଗ୍ରୀ

ଆଗାମୀ ସାଧାରଣ ନିର୍ବାଚନ ଉପଲକ୍ଷେ ଜାରି ହୋଇଥିବା ଆଦର୍ଶ ଆଚରଣ ବିଧି ଅନୁପାଳନ ପୂର୍ବକ ଶାନ୍ତିଶୃଙ୍ଖଳାର ସହିତ ଶ୍ରୀରାମ ନବମୀ ମହୋତ୍ସବ ପାଳନ କରାଯିବା ନେଇ ବୈଠକରେ ଜିଲ୍ଲାପାଳ ଓ ଏସ୍‌ପି ଉପସ୍ଥିତ ମୁସଲିମ୍ ଜମାତ୍ ଓ ଶ୍ରୀରାମ ନବମୀ ପାଳନ କମିଟି ଉଭୟର ସମସ୍ତ କର୍ମକର୍ତ୍ତାମାନଙ୍କ ସହଯୋଗ କାମନା କରିଥିଲେ ଏବଂ ସମସ୍ତେ ଏଥିରେ ଦୃଢ଼ ସମର୍ଥନ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ପ୍ରଶାସନିକ ସହଯୋଗ ନେଇ କମିଟି ତରଫରୁ ଅବଗତ କରାଯାଇଥିବା ଶୋଭାଯାତ୍ରା ପାଇଁ ନିର୍ଦ୍ଧାରିତ ରାସ୍ତା ଘାଟ ମରାମତି, ଯଥେଷ୍ଟ ପାନୀୟ ଜଳ ଯୋଗାଣ, ମେଢ଼ଯାତ୍ରା ପାଇଁ ଗଛର ଡାଳ କଟାଯିବା, ଝୁଲି ପଡ଼ିଥିବା ବିଦ୍ୟୁତ୍ ତାର ସମସ୍ୟା ସମାଧାନ ସହ ଶୋଭାଯାତ୍ରା ସମୟରେ ବିଦ୍ୟୁତ କାଟ ନକରିବା, ରାସ୍ତା ପାଶ୍ୱର୍ରେ ଅସ୍ଥାୟୀ ପରିସ୍ରାଗାର ବ୍ୟବସ୍ଥା, କଳସ ବୁଡ଼ା ଘାଟ ଶୋଭାଯାତ୍ରା ପାଇଁ ରାସ୍ତା ଓ ଅନ୍ୟ ସଂପୃକ୍ତ ସ୍ଥାନକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ପୁରୁଣାବଜାର ଡ଼ାକ୍ତରଖାନାରେ ଡ଼ାକ୍ତର ଓ ଅନ୍ୟାନ୍ୟ କର୍ମଚାରୀ ନିୟୋଜିତ ରଖିବା, ସାମାଜିକ ଗଣମାଧ୍ୟମର ଦୁରୂପଯୋଗ କ୍ଷେତ୍ରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆଦି କ୍ଷେତ୍ରରେ ଆଶୁ ପଦକ୍ଷେପ ଗ୍ରହଣ କରାଯିବା ପାଇଁ ଜିଲ୍ଲାପାଳ ସମୀକ୍ଷା କରିବା ସହିତ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନ ନେଇ ବିଶେଷ କରି କଳସବୁଡ଼ା ଶୋଭାଯାତ୍ରା ଓ ନଗର ସଂକୀର୍ତ୍ତନ, ମେଢ଼ ଶୋଭାଯାତ୍ରାକୁ ଶୃଙ୍ଖଳାର ସହ ପରିଚାଳନା ଉଦ୍ଦେଶ୍ୟରେ ସମୟ ଓ ଆଇନଗତ ଅନ୍ୟାନ୍ୟ ବିଧି ବିଧାନ ପାଳନ ପାଇଁ ଏସ୍‌ପିଙ୍କ ଦ୍ୱାରା ସୂଚନା ପ୍ରଦାନ କରାଯାଇଥିଲା। ନଗର ସଂକୀର୍ତ୍ତନରେ ସାମିଲ ହେବାକୁ ଥିବା ସମସ୍ତ ମେଢ଼ର ଶୋଭାଯାତ୍ରା ନେହରୁ ଷ୍ଟାନିୟମ୍ ଓ ସଦାବର୍ତ୍ତ ମଠ ଦୁଇଟି ସ୍ଥାନରୁ ଆରମ୍ଭ ହେବା ପାଇଁ ନିର୍ଦ୍ଧାରଣ କରାଯାଇଛି। ନେହରୁ ଷ୍ଟାଡ଼ିୟମ୍‌ରୁ ଅପରାହ୍ନ ୪ଟାରେ ଶୋଭାଯାତ୍ରା ବାହାରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ସୂଚନାଯୋଗ୍ୟକି ଗ୍ରାମାଞ୍ଚଳ ବା ସହରାଞ୍ଚଳରୁ ବାହାରୁଥିବା ମେଢ଼ ସବୁ ନିଜ ନିଜ ବାହାରିବା ସ୍ଥାନରୁ ଶବ୍ଦ ବ୍ୟବସ୍ଥା ଆରମ୍ଭ ନକରି ସାମୂହିକ ଶୋଭାଯାତ୍ରା ଆରମ୍ଭ ସ୍ଥାନ ଷ୍ଟାଡିୟମ୍ ବା ସଦାବର୍ତ୍ତ ମଠରୁ ଆରମ୍ଭ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ପ୍ରତି ମେଢ଼ ପାଇଁ ୧୦ଜଣ ଲେଖାଏଁ ସ୍ୱେଚ୍ଛାସେବୀଙ୍କ ଯୋଗାଯୋଗ ନମ୍ବର, ପରିଚୟ ପତ୍ର ପାଇଁ ଆବଶ୍ୟକ ତଥ୍ୟ ନାମ ଆଦି ଯଥେଷ୍ଟ ପୂର୍ବରୁ ପ୍ରଶାସନକୁ ପ୍ରଦାନ କରିବାକୁ କୁହାଯାଇଛି। ରାଜନୈତିକ ପତାକା, ବ୍ୟାନର ବ୍ୟବହାର ନିଷେଧ, ବଡ଼ବଡ଼ ପତାକା ଧରି ଗାଡ଼ିରେ ଯା'ଆସ ବନ୍ଦ କରାଯିବା, ଶୋଭାଯାତ୍ରାରେ ଅବକାରୀ ବ୍ୟବହାର ନିଷେଧ, ବିଶେଷ କରି ଶବ୍ଦ ବ୍ୟବସ୍ଥାରେ ଭାଇବ୍ରେଟର ଆଦୌ ବ୍ୟବହାର କରାନଯିବା ଆଦି ସମ୍ବନ୍ଧରେ ଏସ୍‌ପି ବୈଠକରେ ପ୍ରକାଶ କରିଥିଲେ। କଳସ ବୁଡ଼ା ଶୋଭାଯାତ୍ରାରେ ଅଂଶଗ୍ରହଣକାରୀ ସଂଖ୍ୟା ସୀମିତ ରଖିବା ସହିତ ଶୋଭାଯାତ୍ରରେ ପ୍ରତିମେଢ଼ ପାଇଁ ୫୦ଜଣ ଲେଖାଁଏ ଜନ ସମାବେଶ ମଧ୍ୟରେ ସୀମିତ ରଖିବାକୁ ସେ ପରାମର୍ଶ ପ୍ରଦାନ କରିଥିଲେ। ବିଦ୍ୟୁତ ତାର ତଥା ଅନ୍ୟାନ୍ୟ ନିରାପତା ଦୃଷ୍ଟିରୁ ସୁଉଚ୍ଚ ମେଢ଼ ଗୁଡ଼ିକର ଉଚ୍ଚତା ଯଥା ସମ୍ଭବ ହ୍ରାସ କରିବା ଦିଗରେ କମିଟି ତରଫରୁ ସହଯୋଗ କରିବାକୁ ପ୍ରଶାସନ ତରଫରୁ ପ୍ରସ୍ତାବ ଦିଆଯାଇଥିଲା। ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଡିଏସ୍‌ପି ଡିଆଇବି ପ୍ରଭାତ କୁମାର ବିଶ୍ୱାଳ ସଂପୃକ୍ତ ଥାନାଧିକାରୀ ଓ ବିଭାଗୀୟ ପ୍ରଶାସନିକ ଅଧିକାରୀ, ମୁସଲିମ୍ ଜମାତ ଓ ଶ୍ରୀରାମ ନବମୀ କମିଟି, ଶାନ୍ତି କମିଟିର ସଦସ୍ୟ ଓ କର୍ମକର୍ତ୍ତାମାନେ ଏହି ବୈଠକରେ ଉପସ୍ଥିତ ଥିଲେ।

## ଭଦ୍ରକ ବିଜେଡି ପ୍ରାର୍ଥୀ ସଞ୍ଜୀବଙ୍କ ବନ୍ଧୁମିଳନ




**ବନ୍ତ/ଆଗରପଡ଼ା,୪।୪(ସମିସ):** ଭଣ୍ଡାରିପୋଖରୀ ବିଧାନସଭା ଆସନରେ ଏଥର ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ ବିଜେଡିରୁ ପ୍ରାର୍ଥୀ ହୋଇଛନ୍ତି। ଏହି ଅବସରରେ ବନ୍ତ ଓ ଆଗରପଡ଼ା ଅଞ୍ଚଳରେ କାର୍ଯ୍ୟରତ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଏକ ବନ୍ଧୁମିଳନ ଉତ୍ସବ ଆୟୋଜିତ ହୋଇଥିଲା। ଆୟୋଜିତ ଉତ୍ସବରେ ଶ୍ରୀ ମଲ୍ଲିକ ଯୋଗଦେଇ ଉପସ୍ଥିତ ସମସ୍ତ ସାମ୍ବାଦିକଙ୍କୁ ସ୍ୱାଗତ ଜଣାଇବା ସହ ନିର୍ବାଚନ ବୈତରଣୀ ପାରହେବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ଏବଂ ସାମ୍ବାଦିକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ହେଇ କହିଲେ ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତିକୁ ପ୍ରାଥମିକତା ଦେବି ଓ ଏହି ନିର୍ବାଚନ ମଣ୍ଡଳୀରୁ ହ୍ୟାଟ୍ରିକ କରିଥିବା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ମୋ ବଡ଼ଭାଇ, ତେଣୁ ତାଙ୍କ ପରାମର୍ଶ ସବୁବେଳେ ନେବି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବରିଷ୍ଠ ସାମ୍ବାଦିକ ଅକ୍ଷୟ ସିଂହ, ଜ୍ଞାନଦା କରଶର୍ମା, ବିନୋଦ ଧଳ ସାମନ୍ତ, ଜିତେନ୍ଦ୍ର ଶତପଥୀ, ବିଜେଡି ରାଜ୍ୟ ଯୁବ ସମ୍ପାଦକ ଚିନ୍ମୟ ଦାସ, ବିଧାନସଭା କ୍ଷେତ୍ର ସଭାପତି ବିପିନ ନାୟକ, ଜିଲ୍ଲା ଉପସଭାପତି ପ୍ରଶାନ୍ତ ଦାଶ, ବ୍ଲକ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ଯୁବ ସଭାପତି ସତ୍ୟସାଧନ ବେଜ, ଛାତ୍ର ସଭାପତି ପ୍ରଣବ ଲେଙ୍କା, ଯୁବନେତା ଲାଲା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## 'ଦି ଲିଟିଲ ପବ୍ଲିକ ସ୍କୁଲ'ର ବାର୍ଷିକ ଉତ୍ସବ

**ପୀରହାଟ, ୪।୪(ସମିସ):** ପୀରହାଟ ଥାନା ଅନ୍ତର୍ଗତ ବିନ୍ଧା 'ଦି ଲିଟିଲ ପବ୍ଲିକ ସ୍କୁଲ'ରେ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ତିହିଡି ଡିଗ୍ରୀ କଲେଜ ପ୍ରିନ୍ସିପାଲ ଦେବେନ୍ଦ୍ର ସାମଲ, ଘଣ୍ଟେଶ୍ୱର କଲେଜ ପ୍ରିନ୍ସିପାଲ ବିଜୟ ଦାସ ମୁଖ୍ୟ ବକ୍ତା, ପିଏସ୍‌ଏସ ହାଇସ୍କୁଲ ଶିକ୍ଷକ ପ୍ରଫୁଲ ସାହୁ, କୋଷାଧ୍ୟକ୍ଷ ନାରାୟଣ ପୃଷ୍ଟି, ପ୍ରଧାନ ଶିକ୍ଷକ ମନୋଜ ବେହେରା, ସ୍କୁଲରେ ସମସ୍ତ ଗୁରୁଜୀ, ଗୁରୁମା ଓ ସାମ୍ବାଦିକ ମାନସରଞ୍ଜନ ବାରିକ ଉପସ୍ଥିତ ଥିଲେ। ବିଦ୍ୟାଳୟରେ ୮୯ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ତଥା କ୍ରୀଡା ପ୍ରତିଯୋଗିତାରେ ୪ଟି ଖେଳରେ ଭାଗନେଇ ପ୍ରଥମ ସ୍ଥାନ ଅଧିକାର କରିଥିବ ସାଇ ସଂକଳ୍ପ ବାରିକଙ୍କୁ ବାର୍ଷିକ ଉତ୍ସବରେ ମାନପତ୍ର ଓ ମେଡାଲ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ସମସ୍ତ ଅଭିଭାବକ ଉପସ୍ଥିତ ଥିଲେ।





## ଚୁଡ଼ାକୁଟି ଶିଶୁମନ୍ଦିରର ବାର୍ଷିକ ଉତ୍ସବ






**ଧାମନଗର,୪।୪(ସମିସ):** ଧାମନଗର ବ୍ଲକ ଚୁଡ଼ାକୁଟି ପଞ୍ଚାୟତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୭ମ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଚୁଡ଼ାକୁଟି ମେଳଣ ପଡ଼ିଆ ପରିସରରେ ବୁଧବାର ସନ୍ଧ୍ୟାରେ ଧାମନଗର ପ୍ରେସ୍ କ୍ଲବ ସଭାପତି ବୈକୁଣ୍ଠ ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ଧାମନଗର ଥାନା ଆଇଆଇସି ଫନୀନ୍ଦ୍ରଭୂଷଣ ନାୟକ ଯୋଗଦେଇ ଉଦଘାଟନ କରିଥିଲେ। ବରେଣ୍ୟ ଅତିଥି ଭାବେ ଧାମନଗର ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ସତ୍ୟସୁନ୍ଦର ପରିଡ଼ା, ମୁଖ୍ୟବକ୍ତା ଭାବେ ଆଧ୍ୟାତ୍ମିକ ପତ୍ରିକା ଅମୃତ ଦର୍ଶନର ସମ୍ପାଦକ ତଥା ଖ୍ୟାତନାମା ପ୍ରବଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଏବଂ ଓଡ଼ିଶା ଶିକ୍ଷା ବିକାଶ ପରିଷଦର ଉତ୍ତର - ପୂର୍ବ କ୍ଷେତ୍ର ସଂଯୋଜକ ସୁଦର୍ଶନ ପ୍ରଧାନ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚୁଡ଼ାକୁଟି ଇନ୍ଦ୍ରଗୋବିନ୍ଦ ସାଧନ କେନ୍ଦ୍ର ସଂଯୋଜକ ଦେବେନ୍ଦ୍ର କବି, ପୂର୍ବତନ ସଂଯୋଜକ ପ୍ରଶାନ୍ତ ବେହେରା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଗୁରୁ ଶିଷ୍ୟ ପରମ୍ପରା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିଶୁ ମନ୍ଦିରର ସମ୍ପାଦକ ତଥା ସାମ୍ବାଦିକ ବିବେକାନନ୍ଦ ପଣ୍ଡା ସ୍ୱାଗତ ସମ୍ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୁରୁମା ମାମିନାରାଣୀ ପାଲ ବାର୍ଷିକ ଶିକ୍ଷା ବିବରଣୀ ପାଠ କରିଥିଲେ। ଏହି ବାର୍ଷିକ ଉତ୍ସବରେ ବିଭିନ୍ନ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା ଶିକ୍ଷାବିତ୍, ସମାଜସେବୀ, ସାମ୍ବାଦିକଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହ ସମ୍ମାନିତ କରାଯାଇଥିଲା। ପରେ ଶିଶୁ ମନ୍ଦିରର ବିଦ୍ୟାର୍ଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିଶୁ ମନ୍ଦିରର ଗୁରୁମା' ଗୋପିକାରାଣୀ ଦେ, ପ୍ରୀତିଜିନ୍ତା ମହାପାତ୍ର, ଜୟଶ୍ରୀ ବେହେରା, ସରିତା ନାୟକ, ପ୍ରମିଳା ବେହେରା, ଗୁରୁଜୀ କଳିଙ୍ଗକେଶରୀ ଦତ, ପ୍ରଶାନ୍ତ ଜେନା, ସଞ୍ଜୟ ସେଠୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବୈଦିକ ଯଜ୍ଞ ଓ ସତସଙ୍ଗ ସମିତିର ବାର୍ଷିକୋତ୍ସବ

**ଦୋବଲ,୪।୪(ସମିସ):** ଦୋବଲ ବୈଦିକ ଯଜ୍ଞ ଓ ସତସଙ୍ଗ ସମିତିର ୩୭ତମ ବାର୍ଷିକ ମହୋତ୍ସବ ପାଇଁ ଏକ ପ୍ରସ୍ତୁତ ବୈଠକ ଯଜ୍ଞ ମଣ୍ଡପରେ ଅନୁଷ୍ଠିତ ହୋଇଛି। କୃତିବାସ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପଣ୍ଡିତ ନକୁଳଦେବ ଶାସ୍ତ୍ରୀ, ପ୍ରମୋଦ ନାୟକ, ଅଶୋକପଣ୍ଡା, ପ୍ରଦୀପ କୁମାର ମହାପାତ୍ର, ଘନଶ୍ୟାମ ଥାଟେଇ, କମଳାକାନ୍ତ ଦାସ, ହୃଦାନନ୍ଦ କର, ପ୍ରଭାବ ସାମଲ, ସିଦ୍ଧେଶ୍ୱର ସାମଲ, ଦଶରଥ ଗାହଣ, ଯୁଧିଷ୍ଠିର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ୨୧ରୁ ୨୩ ତାରିଖ ତିନି ଦିନ ଧରି ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଭିନ୍ନ ଦିବସରେ ଜାଗରଣ ମନ୍ତ୍ର, ଓମ୍‌ଧ୍ୱଜା ଉତ୍ତୋଳନ, ବେଦପାରାୟଣ ଯଜ୍ଞ, ବୈଦିକୀ ଭଜନ ଏବଂ ପ୍ରବଚନ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ, ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ପଣ୍ଡିତ ବିଜୟ କୁମାର ଶାସ୍ତ୍ରୀ ଓ ପଣ୍ଡିତ ସୁଧାକର ଶାସ୍ତ୍ରୀ ପ୍ରମୁଖ ଯୋଗ ଦେବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

ଧର୍ମଶାଳା ପରେ କୋରେଇରେ ଅନିୟମିତତା ଅଭିଯୋଗ

# ଆଲେକଜାଣ୍ଡାର ସମର୍ଥକଙ୍କ ରାଜ୍ୟ ବିଜେପି ଅଫିସରେ ହଙ୍ଗାମା



**ଯାଜପୁର, ୪।୪(ସମିସ)**

ଯାଜପୁର ବିଜେପି ଟିକଟ ବଣ୍ଟନକୁ ନେଇ ବିବାଦ ପିଛା ଛାଡୁନି। ପ୍ରାୟ ସବୁ ନିର୍ବାଚନ ମଣ୍ଡଳୀରେ ଏଭଳି ବିବାଦ ଦେଖାଦେଇଛି। ପ୍ରଥମେ ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଦଳ ପକ୍ଷରୁ ସ୍ମୃତିରେଖା ପହିଙ୍କୁ ଟିକଟ ମିଳିବା ପରେ ଏହାକୁ ଘୋର ବିରୋଧ କରି ହିମାଂଶୁ ଶେଖର ସାହୁଙ୍କ ସମର୍ଥକ ଗତ ଦୁଇଦିନ ଧରି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଧାରଣା ଦେଇଛନ୍ତି। ପ୍ରଥମେ ହିମାଂଶୁଙ୍କ ଶତାଧିକ ସମର୍ଥକ ଦଳୀୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରି ହଙ୍ଗାମା କରିବା ପରେ ଧାରଣାରେ ବସିଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ରାଜ୍ୟ ନେତୃବର୍ଗ ଘଟଣାରେ ହସ୍ତକ୍ଷେପ କରି ଟିକଟ ପ୍ରଦାନର ପୁନର୍ବିଚାର କରାଯିବା ନେଇ ନୂଆଦିଲ୍ଲୀକୁ ପଠାଯାଇଛି ବୋଲି କହିଥିଲେ। ଏହି ବିବାଦର ସମାଧାନ ହୋଇ ନ ଥିବାବେଳେ ଆଜି କୋରେଇ ନିର୍ବାଚନ ମଣ୍ଡଳୀରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। ବିଜୁ ଜନତା ଦଳରୁ ଇସ୍ତଫା ଦେଇଥିବା ନେତା ତଥା ଅଭିନେତା ଆକାଶ ଦାସନାୟକଙ୍କୁ ବିଜେପି ଟିକଟ ଦେବା ପରେ ବିବାଦ ଉଗ୍ରରୂପ ଧାରଣ କରିଛି। ଗୋଟିଏ ପଟେ ଆକାଶଙ୍କୁ ପୂର୍ବତନ ବିଧାୟକ ପ୍ରାର୍ଥୀ ବିଶ୍ୱଜିତ ନାୟକ ବିରୋଧ କରୁଥିବାବେଳେ ଅନ୍ୟପଟେ ଯୁବ ନେତା ତଥା ଶିକ୍ଷାବିତ ଆଲେକଜାଣ୍ଡାର ଦାସଙ୍କ ସମର୍ଥକ ଆଜି ଏକତ୍ରିତ ହୋଇ ଭୁବନେଶ୍ୱରସ୍ଥ ଦଳୀୟ କାର୍ଯ୍ୟାଳୟରେ ପହଞ୍ଚି ଅନୁରୂପ ଭାବେ ହଙ୍ଗାମା କରିଛନ୍ତି।

ବିଜେପି କାହିଁକି ନେତାଙ୍କ ବଦଳରେ ଅଭିନେତାଙ୍କୁ ଚୟନ କଲା, ତାକୁ ନେଇ ପ୍ରଶ୍ନ କରିଥିଲେ। ପୂର୍ବରୁ ବିଜୁ ଜନତା ଦଳରେ ଥାଇ ହଠାତ୍ ବିଜେପିରେ ଯୋଗଦାନ ପରେ ଦଳ କାହିଁକି ଟିକଟ ପ୍ରଦାନ କଲା, ଏହାର ପ୍ରତିବାଦରେ ଆଗାମୀ ଦିନରେ ଶ୍ରୀ ନାୟକଙ୍କୁ ଜୋରଦାର ପ୍ରତିବାଦ କରାଯିବ ବୋଲି ଆଲେକଜାଣ୍ଡାରଙ୍କ ସମର୍ଥକ ଚେତାବନୀ ଦେଇଛନ୍ତି। ଆକାଶ ବିଜେଡି ଛାଡି ବିଜେପିରେ ମିଶିଥିବାବେଳେ ଦଳର କୌଣସି ସମର୍ଥକ ତାଙ୍କୁ ସମର୍ଥନ ଦେଉ ନ ଥିବା ଦେଖିବାକୁ ମିଳିଛି। ଆଜି ଏଭଳି ହଙ୍ଗାମା ସମ୍ପର୍କରେ ଖବର ପାଇ ଆକାଶ ଭୁବନେଶ୍ୱରରୁ ବ୍ୟାସନଗର ପଳାଇ ଆସିଥିବା ଜଣାପଡ଼ିଛି। ତେବେ ଟିକଟ ମିଳିବା ପରେ ପ୍ରଥମଥର ପାଇଁ ଆକାଶ ନିଜ ନିର୍ବାଚନ ମଣ୍ଡଳୀକୁ ଆସିବା ବେଳେ ଭବ୍ୟ ସ୍ୱାଗତ ପାଇଁ କରାଯାଇଥିବା ସମସ୍ତ ଆୟୋଜନ ବ୍ୟର୍ଥ ହୋଇଥିବା ଚର୍ଚ୍ଚା ହେଉଛି। ଆକାଶଙ୍କ ହାତଗଣତି ସମର୍ଥକ କେବଳ ସାମାଜିକ ଗଣମାଧ୍ୟମରେ ନିଜର ସମର୍ଥନ ଜଣାଇ ନିଜର ଦାୟିତ୍ୱ ସାରିଦେଉଥିବା ଦେଖିବାକୁ ମିଳୁଛି। ଏଭଳି ପରିସ୍ଥିତିରେ ଆକାଶ ଆଗକୁ କିଭଳି ନିର୍ବାଚନ ମଇଦାନକୁ ଓହ୍ଲାଇବେ ତାକୁ ନେଇ ନାନା କଳ୍ପନାଜଳ୍ପନା ଲାଗି ରହିଛି।

## ତୁଟୁନି ବିଜେପିର ଟିକଟ ବଣ୍ଟନ ବିବାଦ

ବଢୁଛି ପ୍ରମିଳାଙ୍କ ଶକ୍ତି

# ବିଜେଡିରେ ମିଶିଲେ ଅମୀୟଙ୍କ ସମର୍ଥକ ବାପି



**ପ୍ରାତିପୁର, ୪।୪(ସମିସ):** ବିଜେଡିର ଅପ୍ରତିଦ୍ୱନ୍ଦ୍ୱୀ ନେତ୍ରୀ ପ୍ରମିଳା ମଲ୍ଲିକଙ୍କ ରଣନୀତି ପାଖରେ ବାରମ୍ବାର ବିରୋଧୀ ପରାଜିତ ହେବାର ନଜିର ରହିଛି। ବହୁ ବରିଷ୍ଠ କଂଗ୍ରେସ ଓ ବିଜେପି ନେତା ତାଙ୍କ ପରିବାର ଓ ସମର୍ଥକଙ୍କୁ ବିଜେଡିରେ ସାମିଲ କରି ବିଗତ ଦିନରେ ପ୍ରମିଳା ନିଜ ପାରଦର୍ଶିତା ପ୍ରତିପାଦନ କରିଛନ୍ତି। ଚଳିତ ସାଧାରଣ ନିର୍ବାଚନ ପାଇଁ ବିଜେଡି ପୁଣି ପ୍ରମିଳାଙ୍କୁ ପ୍ରାର୍ଥୀ କରିଥିବାବେଳେ ପ୍ରମିଳା ଚଳିତ ଥର ରେକର୍ଡ ସଂଖ୍ୟକ ଭୋଟ ବ୍ୟବଧାନରେ ବିଜୟୀ ହେବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ସେ ବିଶେଷ ରଣନୀତି ଆପଣାଉଥିବାବେଳେ ବିଜେପିର ଅସନ୍ତୁଷ୍ଟ ନେତା ଅମୀୟ ମଲ୍ଲିକଙ୍କ ଦୃଢ଼ ସଂଗଠକ ଗାୟତ୍ରୀ ପ୍ରସାଦ ଧଳ (ବାପି) ବିଜେପି ଛାଡ଼ି ପ୍ରମିଳାଙ୍କ ନେତୃତ୍ୱରେ ବିଜେଡିରେ ଯୋଗ ଦେଇଛନ୍ତି। ଯାହାକୁ ନେଇ ଏବେ ବିଞ୍ଝାରପୁରରେ ରାଜନୈତିକ ମାହୋଲ ସରଗରମ ହୋଇଛି।

ଅମୀୟଙ୍କୁ ବିଜେପି ନିରାଶ କରିବା ପରେ ଅମୀୟ ବିଜେପି ଛାଡ଼ି କଂଗ୍ରେସ ଆଡକୁ ମୁହାଁଉ ଥିବାବେଳେ ଅମୀୟଙ୍କ ସଂଗଠନର ସେନାପତି ସାଜିଥିବା ଗାୟତ୍ରୀ ପ୍ରସାଦ ଧଳ ବିଜେଡିରେ ସାମିଲ ହେବା ଘଟଣା ବିଞ୍ଝାରପୁର ରାଜନୀତିକୁ ରୋଚକ ମୋଡ଼କୁ ଆଣିଛି। ବିଞ୍ଝାରପୁର ବିକାଶ ବିଜେପି ନୁହେଁ, ବରଂ ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ବିଜେଡି କରୁଛି ବୋଲି ମତ ରଖିଛନ୍ତି ଗାୟତ୍ରୀ। ଭୁବନେଶ୍ୱରସ୍ଥ ପ୍ରମିଳା ମଲ୍ଲିକଙ୍କ ସରକାରୀ ବାସଭବନରେ ଗାୟତ୍ରୀ ବିଜେଡିରେ ବିଧିବଦ୍ଧ ଭାବେ ମିଶିବା ସହିତ ଦଳ ପାଇଁ ନିଷ୍ଠାପର ଭାବେ କାମ କରିବେ ବୋଲି କହିଛନ୍ତି। ପ୍ରମିଳା ମଲ୍ଲିକ ଗାୟତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ।

## ଜେନାପୁର ସରପଞ୍ଚଙ୍କ ଆତ୍ମହତ୍ୟା



**କବାଟବନ୍ଧ, ୪।୪ (ସମିସ):** ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଜେନାପୁର ପଞ୍ଚାୟତ ସରପଞ୍ଚ ସିପାଲତା ମଲିକ (୩୫) ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ପାରିବାରିକ କହଳରୁ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ସେ ଗତ ପଞ୍ଚାୟତ ନିର୍ବାଚନରେ ବିଜୟ ଲାଭ କରିଥିଲେ। ସେ ଜଣେ ପରୋପକାରୀ ଓ ପଞ୍ଚାୟତବାସୀଙ୍କ ପାଇଁ ଭଲ କାର୍ଯ୍ୟ କରିଆସୁଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ସମେତ ବହୁ ନେତୃବର୍ଗ ଶୋକ ବ୍ୟକ୍ତ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ନିଖୋଜ ଯୁବତୀଙ୍କ ସନ୍ଧାନ ପାଇଁ ବାପମାଆ ଥାନାର ଦ୍ୱାରସ୍ଥ

**ସୁକିନ୍ଦା, ୪।୪(ସମିସ):** ସୁକିନ୍ଦା ଥାନା ଅଞ୍ଚଳର ଜଣେ ଯୁବତୀ ନିଖୋଜ ହୋଇଥିବାବେଳେ ସନ୍ଧାନ ପାଇଁ ବାପମାଆ ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି। ସୁକିନ୍ଦା ଥାନା ଅନ୍ତର୍ଗତ ବାର୍ଡ଼ଣ୍ଡା ଗ୍ରାମର ଯୁବତୀ ମାର୍ଚ୍ଚ ୩ ତାରିଖରୁ ନିଖୋଜ ହୋଇଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ସେହି ଗ୍ରାମର ସନାତନ ସାହୁଙ୍କ ପୁଅ ସତ୍ୟରଞ୍ଜନ ସାହୁ (୨୫) ଅପହରଣ କରି ରଖିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଘଟଣାକୁ ୨୭ ଦିନ ବିତିଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଯୁବତୀଙ୍କ ସନ୍ଧାନ ପାଇଁ ତାଙ୍କ ବାପାମାଆ ଥାନା ଆଗରେ ବସିଥିବା ଜଣାଯାଇଛି।

## ଲୟର୍ସ ଆସୋସିଏସନ୍‌ର ଶପଥ ଗ୍ରହଣ ଉତ୍ସବ




**ଯାଜପୁର, ୪।୪(ସମିସ):** ଯାଜପୁର ଲୟର୍ସ ଆସୋସିଏସନ୍‌ର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଥିବାବେଳେ ବୁଧବାର କୋର୍ଟ ପରିସରରେ ସେମାନଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଲୟର୍ସ ଆସୋସିଏସନର ନିର୍ବାଚନ ଅଧିକାରୀ ଲକ୍ଷ୍ମୀଧର ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ନୂତନ ଭାବେ ନିର୍ବାଚିତ ହୋଇଥିବା ସଭାପତି ପ୍ରବୀର କୁମାର ରାୟ, ସମ୍ପାଦକ ଅନନ୍ତ ବାସୁଦେବ ମିଶ୍ର, ଉପସଭାପତି ମାନସ ରଞ୍ଜନ ତ୍ରିପାଠୀ, ସହସମ୍ପାଦକ ଅଶ୍ୱିନୀ କୁମାର ନାୟକ, କୋଷାଧ୍ୟକ୍ଷ ମିହିର ମହାପାତ୍ର, କାର୍ଯ୍ୟକାରୀ ସଭ୍ୟ ସୁଧାକର ସାହୁ, ଭାଗ୍ୟବତୀ ସାହୁ, ଅକ୍ଷୟ କୁମାର ସାହୁ, ଦେବୀପ୍ରସନ୍ନ ପତି, ସରୋଜ କୁମାର ସ୍ୱାଇଁ, ହୃଦାନନ୍ଦ ଦଳାଇ ପ୍ରମୁଖଙ୍କୁ ଶପଥ ପାଠ କରିଥିଲେ। ଏହି ଶପଥ ପାଠ ପରେ ନୂତନ ଭାବେ ନିଯୁକ୍ତି ହୋଇଥିବା ଉପରୋକ୍ତ ପଦାଧିକାରୀ ୧ ବର୍ଷ ପାଇଁ ସେମାନଙ୍କ କାର୍ଯ୍ୟ ପରିଚାଳନା କରିବେ। ଏହି ଉତ୍ସବରେ ଲୟର୍ସ ଆସୋସିଏସନ୍‌ର ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ।

## ସରିତା ବାରିକ ବ୍ଲକ୍ ବିଜେଡି ସମ୍ପାଦକ



**ଦଶରଥପୁର, ୪।୪ (ସମିସ):** ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ ତଥା ଦଶରଥପୁର ବ୍ଲକ ଶୁଣୁଆ ପଞ୍ଚାୟତ ଈଶ୍ୱରପୁର ଅଞ୍ଚଳର ପ୍ରମୁଖ ମହିଳା କର୍ମକର୍ତ୍ତା ସରିତା ବାରିକଙ୍କୁ ଦଶରଥପୁର ବ୍ଲକ ବିଜେଡ଼ି ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର ଏକ ପ୍ରେସ ବିବୃତ୍ତିରେ ଏହି ସୂଚନା ଦେଇଛନ୍ତି। ଶ୍ରୀମତୀ ବାରିକ କିଛି ବର୍ଷ ହେବ ବ୍ଲକର ପ୍ରମୁଖ ମହିଳା କର୍ମକର୍ତ୍ତା ରୂପେ ବିଜେଡି ମହିଳା ସଂଗଠନରେ ନିଷ୍ଠାର ସହିତ କାମ କରୁଥିବାବେଳେ ତାଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଥିବାରୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ସଂଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଜିଲ୍ଲା ବିଜେଡ଼ି ସଭାପତି ସରୋଜ ମହାପାତ୍ର, ବରିଷ୍ଠ ବିଜେଡି ନେତା କର୍ଣ୍ଣାଟକେଶରୀ ଦାସଙ୍କୁ କୃତଜ୍ଞତା ଜଣାଇବା ସହିତ ଆଗାମୀ ଦିନରେ ନିଷ୍ଠାର ସହିତ ଦଳର ମହିଳା ସଂଗଠନ ପାଇଁ ଦୃଢ଼ ମନୋବଳ ନେଇ କାର୍ଯ୍ୟ କରିବେ ବୋଲି କହିଛନ୍ତି।

## ଟାଏକ୍ୱୋଣ୍ଡୋ କଲର ବେଲ୍ଟ ପରୀକ୍ଷା

**ଯାଜପୁର, ୪।୪(ସମିସ):** ଯାଜପୁର ରୋଟାରୀ କ୍ଲବରେ ତୃତୀୟ ଟାଏକ୍ୱୋଣ୍ଡୋ କଲର ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ମା' ବିରଜା ଟାଏକ୍ୱୋଣ୍ଡୋ ଆସୋସିଏସନ ପକ୍ଷରୁ ଆୟୋଜିତ ଏହି ପରୀକ୍ଷାକୁ ଓଡ଼ିଶା ରାଜ୍ୟ ଟାଏକ୍ୱୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ପରିଚାଳନା କରିଥିଲେ। ଏଥିରେ ବରିଷ୍ଠ ସାମ୍ବାଦିକ ହରିହର ସ୍ୱାଇଁ, ଧାମନଗର ଟାଏକ୍ୱୋଣ୍ଡୋ ସଂଘର ସଭାପତି ମାନସ ରଞ୍ଜନ ମହାପାତ୍ର, ମା' ବିରଜା ଟାଏକ୍ୱୋଣ୍ଡୋ ସଭାପତି ସୁରଜଲାଲ ସାମଲ, ପ୍ରଶିକ୍ଷକ ଗଜେନ୍ଦ୍ର ମାଝି ଯୋଗଦେଇ ପ୍ରତିଯୋଗିତାରେ ଭଲ ଖେଳ ପ୍ରଦର୍ଶନ କରି ରାଜ୍ୟ ସ୍ତରକୁ ଉତ୍ତୀର୍ଣ୍ଣ ହେବା ସହ ଯାଜପୁରର ନାମ ରଖିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ପରୀକ୍ଷାରେ ଭଦ୍ରକ ଓ ଯାଜପୁର ଜିଲ୍ଲାର ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

ଭୋଟକାରେ ଖୋଲିଲା ଆମ କଳିକା କେନ୍ଦ୍ର

# ଶିଶୁଙ୍କ ଶାରୀରିକ, ମାନସିକ, ଭୌତିକ ବିକାଶକୁ ଗୁରୁତ୍ୱ




**କୁଆଖିଆ, ୪।୪(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ଅଧୀନସ୍ଥ ଦକ୍ଷିଣ ଭୋଟକା ଅଙ୍ଗନବାଡି କେନ୍ଦ୍ର ପରିସରରେ ଆମ କଳିକା କେନ୍ଦ୍ର ଖୋଲାଯାଇଛି। ଉକ୍ତ କେନ୍ଦ୍ର ଜରିଆରେ ୬ ମାସରୁ ୩ ବର୍ଷ ଶିଶୁଙ୍କ ଶାରୀରିକ, ମାନସିକ, ଭୌତିକ ବିକାଶକୁ ଗୁରୁତ୍ୱ ଦିଆଯିବ। ଶିଶୁମାନଙ୍କ ପୁଷ୍ଟିହୀନତା ଦୂର କରିବା ସହ ବାହାର ଦୁନିଆ ସଂସ୍ପର୍ଶରେ ଆସିବା ପାଇଁ ଏଭଳି ପ୍ରୟାସ କରାଯାଉଛି। ବିଶେଷକରି କର୍ମଜୀବୀ ମହିଳା ସେମାନଙ୍କ ଶିଶୁଙ୍କ ଯତ୍ନ ସଠିକ୍ ଭାବେ ନେଇପାରି ନ ଥାଆନ୍ତି। ସେହି ବର୍ଗର ମହିଳାମାନେ ସେମାନଙ୍କ ଶିଶୁଙ୍କୁ ଏହି କେନ୍ଦ୍ରରେ ଭର୍ତ୍ତି କରାଇବାକୁ ସୁଯୋଗ ଦିଆଯିବ। ମାଆମାନଙ୍କ ଅନୁପସ୍ଥିତିରେ କେନ୍ଦ୍ରରେ ନିଯୁକ୍ତ ମହିଳା କର୍ମୀ ପିଲାଙ୍କ ଯତ୍ନ ନେବେ। ମାଆମାନେ ସେମାନଙ୍କ ଶିଶୁଙ୍କୁ ଆଣି କେନ୍ଦ୍ରକୁ ନେବା ଆଣିବା କରିବେ। କେନ୍ଦ୍ରରେ ପିଲାଙ୍କୁ ବିଭିନ୍ନ ପୁଷ୍ଟିକର ଖାଦ୍ୟ ସହ ଖେଳକୁଦର ସୁଯୋଗ ସୃଷ୍ଟି କରାଯିବ। କେନ୍ଦ୍ରରେ ନାନା ପ୍ରକାର ପଶୁପକ୍ଷୀ, ଫୁଲଫଳ, ଅକ୍ଷର ଆଦି ଅଙ୍କାଯିବ। ତାକୁ ଦେଖି ଶିଶୁମାନେ ଜ୍ଞାନ ଆହରଣ କରିବେ ବୋଲି କେନ୍ଦ୍ରର ପରିଚାଳକ ପ୍ରଫୁଲ ମହାନ୍ତି ସୂଚନା ଦେଇଛନ୍ତି।

ଏହି କ୍ରମରେ ଆଇଏମଟିଏସ(ଇଣ୍ଡିଆନ ଟେକ୍ନିକାଲ ସୋସାଇଟ୍) ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଲ୍ଲୀପ୍ରଭା ବରିଷ୍ଠ ନାଗରିକ ସଂସ୍ଥାର ସଭାପତି ରମାକାନ୍ତ ଦାସ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତ, ଅବସରପ୍ରାପ୍ତ ଶିକ୍ଷା ନିରୀକ୍ଷକ ବିନୋଦ ବିହାରୀ ବେହେରା, ପୂର୍ବତନ ସରପଞ୍ଚ ଅଶ୍ୱିନୀ କୁମାର ଦାସ, ଶିକ୍ଷାବିତ୍ ସାଧୁ ଚରଣ ପାତ୍ର ପ୍ରମୁଖ ଯୋଗଦେଇ କେନ୍ଦ୍ରର କାର୍ଯ୍ୟାବଳୀ ଓ ଅଭିଭାବକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। କେନ୍ଦ୍ର ପରିଚାଳିକା ଟିକିନା ବେହେରା ଓ ସସ୍ମିତା ସାହୁ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ସାମାଜିକ ସଂଗଠନ ଆଇଏମଟିଏସର ସୁପରଭାଇଜର ସୌମ୍ୟାଶ୍ରୀ ମହାପାତ୍ର ଓ ରାକେଶ କୁମାର ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଅଙ୍ଗନବାଡି କେନ୍ଦ୍ର ଅଧୀନସ୍ଥ ୨୦ରୁ ଅଧିକ ଶିଶୁ ଓ ମାଆମାନେ ଯୋଗ ଦେଇଥିଲେ। ଉକ୍ତ କେନ୍ଦ୍ର ପ୍ରତ୍ୟେକ କାର୍ଯ୍ୟ ଦିବସରେ ୧୦ଟାରୁ ୪ଟା ପର୍ଯ୍ୟନ୍ତ ଖୋଲା ରହିବ।

## ସେଣ୍ଟ୍ ଜାଭିୟର ହାଇସ୍କୁଲକୁ ମିଳିଲା ସିବିଏସ୍ଇ ସ୍ୱୀକୃତି

**ଦଶରଥପୁର, ୪।୪ (ସମିସ):** ଫକୀରମୋହନ ଏଜୁ୍ୟକେଶନ ଚାରିଟେବୁଲ ଦ୍ୱାରା ପରିଚାଳିତ ବିସିଇଟି ଗ୍ରୁପରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଇଂଜିନିୟରିଂ କଲେଜ ପରିଚାଳିତ ହେଉଥିବାବେଳେ ସମ୍ପୃକ୍ତ ସଂସ୍ଥା ପକ୍ଷରୁ ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର ମଙ୍ଗଳପୁରଠାରେ ୨୦୧୪ରେ ସେଣ୍ଟ ଜାଭିୟର ଇଂଲିଶ ମିଡିୟମ ହାଇସ୍କୁଲ ପ୍ରତିଷ୍ଠା ହୋଇଥିଲା। ତେବେ ଦୀର୍ଘ ୧୦ ବର୍ଷ ପରେ ଉକ୍ତ ବିଦ୍ୟାଳୟଟି ଭାରତ ସରକାରଙ୍କ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ସହ ଅନୁବନ୍ଧିତ ହୋଇଥିବା ନେଇ ବିଦ୍ୟାଳୟ ପକ୍ଷରୁ ପରିଚାଳନା କମିଟି ସଦସ୍ୟ ନିହାର ରଞ୍ଜନ ମଲ୍ଲିକ ଓ ବିଦ୍ୟାଳୟ ଅଧ୍ୟକ୍ଷ ଗୁରୁଚରଣ ବେହେରା ସୂଚନା ଦେଇଛନ୍ତି। ଏହି ବିଦ୍ୟାଳୟ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ସହ ଯୋଡିହେବା ସୂଚନା ପ୍ରକାଶ ପାଇବା ପରେ ବିଦ୍ୟାଳୟରେ ଅଧ୍ୟୟନ ଛାତ୍ରୀଛାତ୍ରଙ୍କ ସହ ସ୍ଥାନୀୟ ଅଞ୍ଚଳର ଅଭିଭାବକଙ୍କ ମଧ୍ୟରେ ଅତୁଟ ବିଶ୍ୱାସ ସୃଷ୍ଟି କରିପାରିଛି। ସ୍ଥାନୀୟ ଅଞ୍ଚଳର ଅଭିଭାବକ ବିଦ୍ୟାଳୟର ଚେୟାରମ୍ୟାନ ଡକ୍ଟର ମନ୍ମଥ କୁମାର ବିଶ୍ୱାଳଙ୍କ ସହ ଅଧ୍ୟକ୍ଷ, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସାଧୁବାଦ ଜଣାଇଛନ୍ତି।

୨୦୧୪ରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟକୁ ପ୍ରାଥମିକ ସ୍ତରରେ ଓଡ଼ିଶା ସରକାରଙ୍କ ପକ୍ଷରୁ ସ୍ୱୀକୃତି ମିଳିଥିଲା। ଏହାପରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଓଡ଼ିଶା ସରକାରଙ୍କ ପକ୍ଷରୁ ବିଦ୍ୟାଳୟକୁ ନବମ ଓ ଦଶମ ଶ୍ରେଣୀ ନିମନ୍ତେ ଏନ୍ଓସି ମିଳିଥିଲା। ବର୍ତ୍ତମାନ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଏହି ବିଦ୍ୟାଳୟକୁ ମୋହର ଲାଗିବା ପରେ ବିଦ୍ୟାଳୟକୁ ସଫଳତାର ପାହାଚ ଚଢିବାରେ ସହଯୋଗ କରିଥିବା ସ୍ଥାନୀୟ ଅଞ୍ଚଳର ଅଭିଭାବକ, ଛାତ୍ରୀଛାତ୍ର, ବିଦ୍ୟାଳୟର ଉତ୍ତରୋତ୍ତର କାମନା କରୁଥିବା ହିତାକାଂକ୍ଷୀଙ୍କୁ ଅନୁଷ୍ଠାନର ଚେୟାରମ୍ୟାନ ଡକ୍ଟର ବିଶ୍ୱାଳ ପ୍ରଶଂସା କରିଛନ୍ତି।

ମା' ବିରଜା ବିଶ୍ୱରୂପା ବିଶ୍ୱକଲ୍ୟାଣ ମହାଯଜ୍ଞ

## ଷ୍ଟାଣ୍ଡିଂ ବାବା ଆକର୍ଷଣର କେନ୍ଦ୍ରବିନ୍ଦୁ

**କୁଆଖିଆ, ୪।୪(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ନଠୁଆବର ଓ ଶ୍ରୀବନ୍ତପୁର ପଞ୍ଚାୟତର ସୀମାନ୍ତବର୍ତ୍ତୀ ଅଞ୍ଚଳ କ୍ଷୀର ନଦୀପଠାରେ ଆୟୋଜିତ ଦ୍ୱିତୀୟ ବାର୍ଷିକ ମା' ବିରଜା ବିଶ୍ୱରୂପା ବିଶ୍ୱ କଲ୍ୟାଣ ମହାଯଜ୍ଞ ଓ ଅନ୍ତରାଷ୍ଟ୍ରୀୟ ସାଧୁସନ୍ଥ ସମ୍ମିଳନୀର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଖୁବ୍ ଆଡମ୍ବରରେ ଚାଲିଛି। ଓ ଆକର୍ଷଣୀୟ ହୋଇଛି। ସନ୍ଧ୍ୟାରେ ଯଜ୍ଞ ପରିଚାଳନା କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ସାଧୁସନ୍ଥଙ୍କ ପ୍ରବଚନ ଆୟୋଜନ କରାଯାଉଛି। ବାବାଙ୍କ ଆଗମନ ସମ୍ପର୍କରେ ଜାଣି ଭକ୍ତଙ୍କ ଭିଡ ପରିଲକ୍ଷିତ ହେଉଛି। ଯଜ୍ଞ ପଡ଼ିଆରେ ଷ୍ଟାଣ୍ଡିଂ ବାବା ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛନ୍ତି। ଏଥିସହ ଅଖିଳ




ପ୍ରାରମ୍ଭରେ ମା' ବିଶ୍ୱରୂପାଙ୍କ ନିକଟରେ ପାରମ୍ପରିକ ପୂଜା କରାଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଯଜ୍ଞ ମଣ୍ଡପରେ ସ୍ଥାପିତ ୯ଟି କୁଣ୍ଡରେ ୧୮ ଜଣ ଯାଜ୍ଞିକ ପଣ୍ଡିତ ନିୟୋଜିତ ହୋଇଛନ୍ତି। ସେମାନେ ଯଜ୍ଞକୁଣ୍ଡରେ ୧୮୦୦୦ ଘୃତ ଆହୂତି ପ୍ରଦାନ କରିବାରେ ବ୍ରତି ଅଛନ୍ତି। ଏ ଅବସରରେ ସକାଳ ଓ ସନ୍ଧ୍ୟାରେ ଭଜନ, ସଂକୀର୍ତ୍ତନ ପରିବେଷଣ, ସକଳା ଧୂପ ଓ ସନ୍ଧ୍ୟା ଆରତୀ ଉତ୍ସବ ବିଶେଷ ମନୋରମ ଭାରତ ସନ୍ଥ ସମିତି ରାଷ୍ଟ୍ରୀୟ ମହାମନ୍ତ୍ରୀ ମହାମଣ୍ଡଳେଶ୍ୱର ଜିତେନ୍ଦ୍ରନନ୍ଦ ସରସ୍ୱତୀ, ଅର୍ନ୍ତଜାତୀୟ କ୍ରିୟାଯୋଗୀ ମହାମଣ୍ଡଳେଶ୍ୱର ଶଙ୍କରାନନ୍ଦ ଗିରି, ପୂଜ୍ୟ ସ୍ୱାମୀନୀ ଆତ୍ମ ପ୍ରଜ୍ଞାନାନନ୍ଦ ସରସ୍ୱତୀ, ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ ପ୍ରମୁଖ ମୁଖ୍ୟ ଆକର୍ଷଣ ସାଜିଥିବାବେଳେ ସେମାନଙ୍କ ପ୍ରବଚନରେ ଭକ୍ତ ଓ ଶ୍ରଦ୍ଧାଳୁ ଅଭିଭୂତ ହେଉଛନ୍ତି। ଆସନ୍ତା ୬ ତାରିଖରେ ଏହି ଆଧାତ୍ମିକ କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ।

## କନଷ୍ଟେବଲ ଦେବେନ୍ଦ୍ର ରାଉତ ସମ୍ବର୍ଦ୍ଧିତ



**ବ୍ୟାସନଗର, ୪।୪(ସମିସ):** କଟକସ୍ଥ ପୁଲିସ ମୁଖ୍ୟାଳୟରେ ଯାଜପୁରରୋଡ ଥାନାର ଦେବେନ୍ଦ୍ର ରାଉତ ଜିଲ୍ଲାର ଶ୍ରେଷ୍ଠ ଥାନା କନଷ୍ଟେବଲ ଭାବେ ସମ୍ବର୍ଦ୍ଧିତ ହୋଇଛନ୍ତି। ଏହି ଖବର ଜଣାପଡ଼ିବା ପରେ ସୋମବାର ଦିନ ଯାଜପୁରରୋଡ୍ ଥାନା କର୍ମଚାରୀ ଶ୍ରୀ ରାଉତଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି। ସୋମବାର ଦିନ ପୁଲିସ ବିଭାଗର ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା। ଏ ପରିପ୍ରେକ୍ଷୀରେ ଯାଜପୁରରୋଡ ଥାନା କନଷ୍ଟେବଲ ଦେବେନ୍ଦ୍ର ରାଉତଙ୍କ କାର୍ଯ୍ୟ ଦକ୍ଷତାକୁ ଦୃଷ୍ଟିରେ ରଖି ଜିଲ୍ଲାର ଶ୍ରେଷ୍ଠ କନଷ୍ଟେବଲ ଭାବେ ଡିଜିପି ସମ୍ବର୍ଦ୍ଧିତ କରିଥିଲେ।

ଅସମ୍ଭାଳ ତାତି ସତ୍ତ୍ୱେ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରରେ ହୋଇନି ସକାଳୁଆ

# ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ

**କୋରେଇ, ୪।୪(ସମିସ)**

ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ବଢ଼ିଚାଲିଛି। ଖରା ସାଙ୍ଗକୁ ଅସମ୍ଭାଳ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମସ୍ତ ବିଦ୍ୟାଳୟର ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଠପଢ଼ା ସମୟର ପରିବର୍ତ୍ତନ କରିଛନ୍ତି। ଏ ପରିପ୍ରେକ୍ଷୀରେ ଗତ ମଙ୍ଗଳବାରଠାରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପତ୍ର ସଂଖ୍ୟା- ୭୦୩୧ ଅନୁଯାୟୀ ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ଘରୋଇ ବିଦ୍ୟାଳୟରେ ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ପାଠପଢ଼ା ଅନୁଷ୍ଠିତ ହେବ। ଏହି ସମୟରେ ପ୍ରଧାନ ଶିକ୍ଷକ କ୍ୟାମ୍ପସରେ ପାନୀୟ ଜଳ, ଓଆରଏସ୍ ପ୍ୟାକେଟ୍ ସମେତ ଅନ୍ୟାନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ। ଯେପରି କୌଣସି ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ନ ହେବେ, ସେଥିପାଇଁ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଏଥିସହିତ ପାଣିପାଗ ସ୍ଥିତିକୁ ଦେଖି ବିଦ୍ୟାଳୟ ଖୋଲିବା ନେଇ ଜିଲ୍ଲାପାଳ ନିଜ ଜିଲ୍ଲାର ନିଷ୍ପତ୍ତି ନେଇପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

କିନ୍ତୁ ଯାଜପୁର ଜିଲ୍ଲା କୋରେଇ ଶିକ୍ଷା ମଣ୍ଡଳ ଅଧୀନରେ ଥିବା ପ୍ରାୟ ସମସ୍ତ ବିଦ୍ୟାଳୟରେ ସକାଳୁଆ ସ୍କୁଲ ଚାଲୁଥିବାବେଳେ ଡୋଳିପୁର ନଗୁଆଁଠାରେ ଅବସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏଠାରେ ଏହି ନିୟମକୁ କାର୍ଯ୍ୟକାରୀ କରାଯାଉନାହିଁ। ଫଳରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

ସୂଚନା ମୁତାବକ, ଏହି ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ୯୮ ଜଣ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଛନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀରେ ଗ୍ରୀଷ୍ମ ପ୍ରବାହ ଚାଲିଛି। ରାସ୍ତା ଘାଟ ତାତି ଯାଉଛି। କୋଠା ଘର ଭିତରେ ରହି ହେଉନାହିଁ। ଦିନ ୧୦ଟା ପରେ ଘରୁ ପଦାକୁ ବାହାରିବା ମୁସ୍କିଲ ହୋଇ ପଡୁଛି। ଏପରି ସ୍ଥଳେ ଏହି ଶିକ୍ଷାନୁଷ୍ଠାନରେ ସକାଳୁଆ ପରିବର୍ତ୍ତେ ଦିନ ୧୦ଟାରୁ ସ୍କୁଲ ଆରମ୍ଭ ହୋଇ ଅପରାହ୍ନ ୪ଟାରେ ଛୁଟି ହେଉଛି। ଛାତ୍ରଛାତ୍ରୀ ବହୁ କଷ୍ଟରେ ଏହି ଅସମ୍ଭାଳ ଗୁଳୁଗୁଳିରେ ପାଠ ପଢୁଛନ୍ତି। ପଙ୍ଖା ଥିଲେ ମଧ୍ୟ କାମରେ ଆସୁନି। ଛାତ୍ରଛାତ୍ରୀ ଅଭିଯୋଗ କଲେ ମଧ୍ୟ ଅଧକ୍ଷା କର୍ଣ୍ଣପାତ କରୁନାହାଁନ୍ତି। ଏଠାରେ ଗଣଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ କରାଯାଉଛି। ଏ ନେଇ ଅଧକ୍ଷା ନିବେଦିତା ଗୁରୁଙ୍କ ସହ ଯୋଗାଯୋଗ କରିବାରୁ ଆମକୁ କୌଣସି ଚିଠି ହୋଇ ନ ଥିବା ପ୍ରକାଶ କରିଥିଲେ। ଚିଠି ପାଇଲେ ଏହା କାର୍ଯ୍ୟକାରୀ କରିବେ ବୋଲି ପ୍ରକାଶ କରିବା ସହିତ ଷ୍ଟାଫଙ୍କ ସହିତ ଆଲୋଚନା କରି ଆସନ୍ତା ୧୦ ତାରିଖଠାରୁ ସକାଳୁଆ ସ୍କୁଲ କରିବେ

## ଯୁବକଙ୍କ ଆତ୍ମହତ୍ୟା

**କୁଆଖିଆ, ୪।୪(ସମିସ):** କୁଆଖିଆ ଥାନା ଅନ୍ତର୍ଗତ ଦକ୍ଷିଣ ଭୋଟକା ଗ୍ରାମର ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପ୍ରଫୁଲ୍ଲ ବେହେରାଙ୍କ ସାନପୁଅ ସୌମ୍ୟରଞ୍ଜନ ବେହେରା (୨୪) ଦିନ ୩ଟାବେଳେ ଘରେ ଥିବାବେଳେ କୌଣସି କାରଣରୁ ନିଜ ଶୋଇବା ଘରେ ବେକରେ ରଶି ଲଗାଇ ଝୁଲି ପଡ଼ିଥିଲେ। ଘର ଲୋକେ ଦେଖି ସୌମ୍ୟରଞ୍ଜନକୁ ମେଡିକାଲ ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। କୁଆଖିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ୧୦/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

# ଗୋପାଳପୁରରେ ବିଜେଡିର କର୍ମୀ ସମ୍ମିଳନୀ

**ଦଶରଥପୁର, ୪।୪ (ସମିସ):** ଆଗାମୀ ବିଧାନସଭା ନିର୍ବାଚନ ଅବସରରେ ଗୁରୁବାର ପୂର୍ବାହ୍ନରେ ଗୋପାଳପୁର ପଞ୍ଚାୟତରେ ଦଳୀୟ କର୍ମକର୍ତ୍ତାଙ୍କୁ ନେଇ ବିଜେଡିର ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ଅତିଥି ଭାବେ ବିଧାୟିକା ପ୍ରାର୍ଥିନୀ ସୁଜାତା ସାହୁ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ନିର୍ମଳ ଭାବମୂର୍ତ୍ତି ସହିତ ଯାଜପୁର ବିଧାୟକ ତଥା ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ବିକଶିତ ଯାଜପୁର ଗଠନକୁ ନେଇ ଆଗାମୀ ଦିନରେ ଗୋପାଳପୁର ପଞ୍ଚାୟତର ପ୍ରତ୍ୟେକ ବୁଥରେ ବିଜେଡି ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବାକୁ ଯାଉଥିବା ନିଶ୍ଚିତ ଥିବାବେଳେ ଅଧିକରୁ ଅଧିକ ଶଙ୍ଖ ଚିହ୍ନରେ ମତଦାନ କରି ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର ଯୋଗଦେଇ ପଞ୍ଚାୟତ ସ୍ତରୀୟ ସମସ୍ତ ବିଜେଡି କର୍ମକର୍ତ୍ତା ଆଗାମୀ ନିର୍ବାଚନରେ ବିଜେଡି ସପକ୍ଷରେ ସମର୍ଥନ ପାଇଁ ଦୃଢ଼ ମନୋବଳ ନେଇ କାମ କରିବାକୁ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ମାମିନା



ସପକ୍ଷରେ କିଭଳି ଅଧିକରୁ ଅଧିକ ମତଦାନ କରାଯିବ, ସେ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇ ବିଜେଡି ସପକ୍ଷରେ ଭୋଟରଙ୍କୁ ଆକୃଷ୍ଟ କରାଇବାକୁ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ବିଜେଡି ନେତା କର୍ଣ୍ଣାଟକେଶରୀ ଦାସ ନିଜ ବକ୍ତବ୍ୟରେ ଷଷ୍ଠ ଥର ପାଇଁ ନବୀନ ମଲ୍ଲିକ, ପୂର୍ବତନ ସଭ୍ୟା ରଞ୍ଜିତା ରାଉତ, ସରପଞ୍ଚ ଏସ୍‌କେ ନାଦର, ରିଜୱାନ ସାମ୍, ସେକ୍ ସାଜାଦ, ମୀର ହାଇଦର ଅଲ୍ଲୀ, ସେକ୍ ହୋସେନ୍‌ଙ୍କ ସମେତ ବହୁ ସଂଖ୍ୟାରେ ସକ୍ରିୟ ବିଜେଡି ସଦସ୍ୟ ଯୋଗ ଦେଇ ବିଜୁ ଜନତା ଦଳର ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ଜୟଯୁକ୍ତ କରିବାକୁ ଶପଥ ନେଇଥିଲେ।

### ଅଂଶୁଘାତ ମୁକାବିଲା ପାଇଁ ପ୍ରଶାସନିକ ବୈଠକ

# ନିର୍ବାଚନ ସମୟରେ ବିଶେଷ ସତର୍କତାକୁ ଗୁରୁତ୍ୱ



**ଯାଜପୁର, ୪।୪ (ସମିସ)**

ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ରୌଦ୍ରତାପ (ଅଂଶୁଘାତ) ପ୍ରତିରୋଧଜନିତ ପ୍ରଶାସନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅଂଶୁମାନ ଶତପଥୀ, ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀମତୀ ମନୋରମା ଜାଲି ଯୋଗଦେଇ ରୌଦ୍ରତାପ କ୍ରମଶଃ ବଢୁଥିବାରୁ ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଡିଓମାନଙ୍କ ଗୁରୁଦାୟିତ୍ୱ ଥିବାରୁ ସେମାନଙ୍କ ଅଧୀନରେ ଥିବା ଅଞ୍ଚଳରେ ଯେଭଳି କୌଣସି ସ୍ଥାନରେ ଜଳ ସମସ୍ୟା ଦେଖା ନ ଯିବ, ସେଥିପ୍ରତି ଯତ୍ନବାନ ହେବାକୁ ଜିଲ୍ଲାପାଳ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ।

ଚଳିତ ବର୍ଷ ଲୋକସଭା ଓ ଓଡ଼ିଶା ବିଧାନସଭା ନିର୍ବାଚନ ଏକ ସଙ୍ଗରେ ଅନୁଷ୍ଠିତ ହେଉଛି। ଯାଜପୁର ଜିଲ୍ଲାରେ ଜୁନ ମାସ ୧ ତାରିଖରେ ସାଧାରଣ ନିର୍ବାଚନ ନିମନ୍ତେ ଭୋଟ ଗ୍ରହଣ କରାଯିବ। ଏ ପରିପ୍ରେକ୍ଷୀରେ ପ୍ରତ୍ୟେକ ମତଦାନ କେନ୍ଦ୍ର, ଅଙ୍ଗନବାଡ଼ି କେନ୍ଦ୍ରରେ ପର୍ଯ୍ୟାପ୍ତ ପାନୀୟ ଜଳର ସୁବିଧା କରିବାକୁ ବିଡିଓମାନେ ପଦକ୍ଷେପ ନେବେ। ଯେଉଁଠି ପାଇପ ଲାଇନ ଜଳର ସୁବିଧା ଅଛି, ସେଠାରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରାଯିବ। ଯେଉଁଠି ପାଇପ ଲାଇନ୍ ବ୍ୟବସ୍ଥା ନାହିଁ, ସେଠାରେ ବିଡିଓମାନେ ନଳକୂପ ଯୋଗେ ପାନୀୟ ଜଳ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପ୍ରତ୍ୟେକ ବୁଥରେ ରୌଦ୍ରତାପରୁ ସୁରକ୍ଷା ନିମନ୍ତେ ଚାନ୍ଦୁଆ ବାନ୍ଧିବା, ଅସ୍ଥାୟୀ ରହଣି ସ୍ଥଳ ନିର୍ମାଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଗାଈ ଗୋରୁ, ପଶୁପକ୍ଷୀଙ୍କ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଜଳକୁଣ୍ଡ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୌଣସି ପରିସ୍ଥିତିରେ ଯେଭଳି କେହି ମୃତାହତ ନ ହୁଅନ୍ତି, ସେଥିପ୍ରତି ସମ୍ପୃକ୍ତ ବିଭାଗୀୟ ଅଧିକାରୀ ତୀକ୍ଷଣ ଦୃଷ୍ଟି ରଖିବାକୁ ଜିଲ୍ଲାପାଳ ତାଗିଦ କରିଥିଲେ। ପ୍ରତ୍ୟେକ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ, ବିଡିଓ, ତହସିଲଦାର ସମସ୍ତେ ନିଷ୍ଠାପର ଭାବେ ରୌଦ୍ରତାପର ମୁକାବିଲା କରି ଜଳକ୍ଲିଷ୍ଟ ଦୂର କରିବାଜନିତ ସେବା ପ୍ରଦାନ କରିବାକୁ ଜିଲ୍ଲାପାଳ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ସରକାରୀ ଅଧିକାରୀ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ପାଣିକୋଇଲି, ୪।୪(ସମିସ):** ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ମଣିପୁର ଗ୍ରାମର ସୁଦର୍ଶନ ନାୟକଙ୍କ ସାନପୁଅ ସରୋଜଙ୍କ ବୁଧବାର ଅପରାହ୍ନରେ ସଡକ ଦୁର୍ଘଟଣା ଘଟିଥିବାବେଳେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଆଜି ତାଙ୍କ ମରଶରୀର ବ୍ୟବଚ୍ଛେଦ ପରେ ଗ୍ରାମରେ ପହଞ୍ଚିବା ପରେ ଶୋକକୂଳ ପରିବେଶ ସୃଷ୍ଟି ହୋଇଥିଲା। ସରୋଜଙ୍କ ମରଶରୀରକୁ ଶୋଭଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ଗ୍ରାମବସୀଙ୍କ ସମେତ ବହୁ ରାଜନେତା, ଶିକ୍ଷାବିତ, ବୁଦ୍ଧିଜୀବୀ, ପରିବାରବର୍ଗ, ଆତ୍ମୀୟ ସ୍ୱଜନ ଯୋଗ ଦେଇଥିଲେ।

## ସ୍କର୍ପିଓ ଧକ୍କାରେ ସ୍କୁଟି ଆରୋହୀ ଆହତ

**ପାଣିକୋଇଲି, ୪।୪(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଚାନ୍ଦପୁର ନିକଟରେ ଏକ ସ୍କର୍ପିଓ ସହିତ ସ୍କୁଟି ଧକ୍କା ଲାଗି ଜଣେ ଯୁବତୀ ଆହତ ହୋଇଛନ୍ତି। ପାଣିକୋଇଲି ଆଡୁ ଏକ ସ୍କୁଟିରେ ପଥରପଦା ପଞ୍ଚାୟତ ଅନ୍ତର୍ଗତ ନରପଦା ଗ୍ରାମର ମଣି ଚରଣ ସାହୁଙ୍କ ଝିଅ ଦିବ୍ୟାର୍ଚ୍ଚନା (୨୬) ଘରକୁ ଯାଉଥିବାବେଳେ ବିପରୀତ ଦିଗରୁ ଏକ ସ୍କର୍ପିଓ ରଙ୍ଗରୁଟରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଦିବ୍ୟାର୍ଚ୍ଚନା ଆହତ ହୋଇଥିଲେ। ଉକ୍ତ ସ୍କର୍ପିଓ ଆରୋହୀମାନେ ଉକ୍ତ ଯୁବତୀଙ୍କୁ ସ୍ଥାନୀୟ ଏକ ନର୍ସିଂହୋମରେ ଚିକିତ୍ସିତ କରାଇଥିଲେ।

## ମା'ବିରଜାଙ୍କ ଆଶୀର୍ବାଦ ନେଲେ ଗୌତମ

**ଯାଜପୁର, ୪।୪ (ସମିସ):** ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀର ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ତଥା ଯାଜପୁର ଜିଲ୍ଲା ବିଜେପି ସଭାପତି ଗୌତମ ରାୟ ଆଜି ନିଜ ସମର୍ଥକଙ୍କ ସହିତ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ଭୁବନେଶ୍ୱରରୁ ଯାଜପୁର ଆସିବା ସମୟରେ ବରୁହାଁଠାରେ ମଣ୍ଡଳ ସଭାପତି ସୁରେଶ ରାଉତଙ୍କ ସହ ଶରତ ଚନ୍ଦ୍ର ସାହୁ, ମନ୍ମଥ ବରାଳ, ସୁଦୀପ୍ତ କୁମାର ପଣ୍ଡା, ସୁବାସ ମହାନ୍ତି, ରମେଶ ସାମଲ, ଦେବେନ୍ଦ୍ର ପାଣି ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ କର୍ମୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରି ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ଜଣାପଡ଼ିଛି।

## ମହାବୀର ବିଗ୍ରହ ପ୍ରତିଷ୍ଠା ଉତ୍ସବ ଓ ନାମଯଜ୍ଞ

**ପାଣିକୋଇଲି, ୪।୪(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର ବାଘନଟା ଗ୍ରାମରେ ୧୩ତମ ମହାବୀରଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଓ ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଜନାର୍ଦ୍ଦନ ସେନାପତିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ଗ୍ରାମର ସମସ୍ତେ ଯୋଗଦେଇଥିଲେ। ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଯୁବକ ସହଯୋଗ କରିଥିଲେ।

# ଓଡ଼ିଶା ପ୍ରତିଭା ପୂଜା ସଂସଦ ଜିଲ୍ଲା ଶାଖାର ବାର୍ଷିକ ଉତ୍ସବ



**ବଡ଼ଚଣା, ୪।୪(ସମିସ)**

ଓଡ଼ିଶା ପ୍ରତିଭା ପୂଜା ସଂସଦ ଯାଜପୁର ଜିଲ୍ଲା ଶାଖାର ଷଷ୍ଠ ବାର୍ଷିକ ଉତ୍ସବ ବଡ଼ଚଣା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ମହାବିନାୟକ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏ ଉପଲକ୍ଷେ ବିଶିଷ୍ଟ ପାଲା ଗାୟକ ତଥା ଶିକ୍ଷାବିତ ରଜନୀକାନ୍ତ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସଂସଦର ପ୍ରତିଷ୍ଠାତା ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ଦାସ ଯୋଗଦେଇ ଉତ୍ସବକୁ ଉଦଘାଟନ ପୂର୍ବକ ସଂସଦର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପରେ କବି ନିବେଦିତା ରଥ ଓ କବି ସୁଦାମ ଚରଣ ନାୟକଙ୍କ ସଂଯୋଜନାରେ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ।

ଜିଲ୍ଲା ଶାଖା ସଭାପତି କବି ନାରାୟଣ ଶତପଥୀଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ଅଧିବେଶନରେ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ରୁଦ୍ରନାରାୟଣ ପୃଷ୍ଟି, ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ରାଜ୍ୟ ସଦସ୍ୟ ବାହାଦୂର ପାଟ୍ଟସାହାଣୀ, ସମ୍ମାନିତ ଅତିଥି ଭାବେ ଗୋକର୍ଣ୍ଣିକା ମୁଖ୍ୟ ସମ୍ପାଦକ ରମାକାନ୍ତ ଜେନା ଓ ସାହିତ୍ୟିକ ଭକ୍ତ ଚରଣ ସାହୁ ପ୍ରମୁଖ ଯୋଗଦେଇ ସାହିତ୍ୟ ସମ୍ପର୍କରେ ବିଭିନ୍ନ ଆଲୋଚନା କରିଥିଲେ। ଏ ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ବିଚିତ୍ରାନନ୍ଦ ଜେନା, କାମିନୀ ନାୟକ, ରାମଚନ୍ଦ୍ର ସାହୁ, ବୈଲୋଚନ ହୋତା, ପ୍ରମୋଦ କୁମାର ସାହୁ, ଆଶୁତୋଷ ମିଶ୍ର, ପଦ୍ମିନୀ ମହାନ୍ତ, ଦିଲ୍ଲୀପ କୁମାର ଷେଣ୍ଡ, ପ୍ରଶାନ୍ତ କୁମାର ଜେନା, ଆଲୋକ କୁମାର ଜେନା, ଚିନ୍ମୟ ପ୍ରଧାନ, ଜ୍ଞାନରଞ୍ଜନ ମହାନ୍ତ, ବ୍ରହ୍ମାନନ୍ଦ ମହାରଣା, ବର୍ଷା ପ୍ରିୟଦର୍ଶିନୀ ଚକ୍ର ଓ ବ୍ରହ୍ମାନନ୍ଦ ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ଶାଖା ସଂଯୋଜକ କ୍ଷେତ୍ରବାସୀ ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ରଜନୀକାନ୍ତ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

# ୨୩ତମ ଭୁବନ ମେଳଣ ଉଦ୍‌ଯାପିତ



**ଧର୍ମଶାଳା, ୪।୪ (ସମିସ):** ଧର୍ମଶାଳା ବ୍ଲକ ଭୁବନ ଗ୍ରାମରେ ୨୩ତମ ଭୁବନ ମେଳଣ ଆଜି ଉଦ୍‌ଯାପିତ ହୋଇଛି। ବୁଧବାର ଭୁବନ ଗ୍ରାମର ଥାନପତି ରାଧାକୃଷ୍ଣଙ୍କ ବିମାନ ଚାରାରେ ବସିବା ପରେ ଅନ୍ୟ ବିମାନ ଭଜନ କୀର୍ତ୍ତନ ସହ ରୋଷଣି କରି ମେଳଣ ପଡ଼ିଆରେ ପହଞ୍ଚିଥିଲେ। ଚୋରମୁହାଁ, ଚହଟା ମହାନ୍ତି ସାହି, ବାଲିଗରି, ସେବତୀପୁର, ସମ୍ପାରୁ, ଉତ୍ତରପ୍ରତାପ, ଗୋପାଳପୁର, ବଡ଼ଚଣାବାରି ପ୍ରମୁଖ ୨୦ରୁ ଊର୍ଦ୍ଧ୍ୱ ବିମାନ ଯୋଗଦେଇ ହୋଲି ଖେଳିଥଲେ। ମେଳଣ କମିଟି ପକ୍ଷରୁ ସଭାପତି ଜ୍ୟୋତିର୍ମୟୀ ନାୟକ, ଉପସଭାପତି ଦାମୋଦର ନାୟକ, ସମ୍ପାଦକ ଶଶୀଭୂଷଣ ନାୟକ, କୋଷାଧ୍ୟକ୍ଷ ଉମାକାନ୍ତ ମୁଦୁଲି, ସୁରେଶ ସାମଲ, ସଭ୍ୟ ଶରତ ଅକ୍ଷୟ ନାୟକ, ପ୍ରାଣକୃଷ୍ଣ ବିଶାଳ, ଚନ୍ଦ୍ରମଣି ନାୟକ, ଜଗନ୍ନାଥ ପାଢ଼ୀ, ଶ୍ରୀରାମଶଙ୍କର ରଣା, ପାକୁନ ନାୟକ ପ୍ରମୁଖ ମେଳଣ ପରିଚାଳନା କରିଥିଲେ। ଭିଡକୁ ନଜରରେ ରଖି କମିଟି ଓ ପୁଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ଅପରାହ୍ନରେ ସମସ୍ତ ବିମାନ କମିଟି ପକ୍ଷରୁ ଭୋଗ ଖାଇ ଫେରିଥିଲେ।

## କରଦା ଦଧିବାମନଜୀଉ ମେଳଣ

**ଷଠିପୁର, ୪।୪(ସମିସ):** କୋରେଇ ବ୍ଲକର କରଦା ଦଧିବାମନଜୀଉ ମେଳଣ ଆଜି ଉଦ୍‌ଯାପିତ ହୋଇଛି। କରଦା ମଠ ସମ୍ମୁଖରେ ଏହି ମେଳଣ ଅନୁଷ୍ଠିତ ହୋଇଥିଲା। ପଥରପଦା ମଦନମୋହନ ଜୀଉ ପକ୍ଷରୁ ମେଲୋଡି କାର୍ଯ୍ୟକ୍ରମ କରାଯାଇଥିବାବେଳେ ଗୋପାଳପୁର ଗୋପୀନାଥଜୀଉ ଭଜନ ସନ୍ଧ୍ୟା ଦର୍ଶକଙ୍କୁ ବିମୋହିତ କରିଥିଲା। ମେଳଣ ପଡ଼ିଆରେ ଥାନପତି ଦଧିବାମନଜୀଉ ବିଜେ କରିଥିବାବେଳେ କରଦା ମଦନମୋହନ ଜୀଉ ଓ ସୁଆଁସାହି ରାଧାକୃଷ୍ଣଜୀଉ ବିଜେ କରିଥିଲେ। ଦଧିବାମନଜୀଉ ମେଳଣ କମିଟି ପକ୍ଷରୁ ସମସ୍ତ ବିମାନରେ ଭୋଗ ଲାଗି କରାଯିବା ସହ ବିଦାକି ଦେଇ ବିଦାୟ ଦିଆଯାଇଥିଲା। କମିଟିର ସମସ୍ତ ସଦସ୍ୟ ମେଳଣ ପରିଚାଳନାରେ ସହଯୋଗ କରିଥିଲେ।

## ସଫଳ ଚାଷୀଙ୍କ ପରଲୋକ



**ବାରବାଟୀ, ୪।୪(ସମିସ):** ରସୁଲପୁର ବ୍ଲକ ଓଡ଼ିଶୋ ପଞ୍ଚାୟତ କରଞ୍ଜିଆରୀର ସଫଳ ଚାଷୀ ଜୟରାମ ନାୟକ (୮୨)ଙ୍କ ଗତକାଲି ରାତିରେ ପରଲୋକ ଘଟିଛି। ତାଙ୍କ ମୃତ୍ୟୁରେ ଓଡିଶୋ ଅଞ୍ଚଳରେ ଶୋକର ଛାୟା ଖେଳାଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ବାଙ୍କ ବିହାରୀ ନାୟକ, ସାନପୁଅ କେଦାର ନାୟକ, ବଡ଼ପୁତୁରା ଜ୍ଞାନେନ୍ଦ୍ର ନାୟକ, ସାନପୁତୁରା ସରପଞ୍ଚ ଜିତେନ୍ଦ୍ର ନାୟକ, ସମସ୍ତ ପୁତ୍ରବଧୂ, ଝିଅ-ଜ୍ୱାଇଁ, ବନ୍ଧୁପରିଜନ ଉପସ୍ଥିତ ଥିଲେ। ଓଡ଼ିଶୋ ବିଜେଡି ସଭାପତି ଜ୍ଞାନରଞ୍ଜନ ରଥ, ରସୁଲପୁର ବ୍ଲକ ଆମ୍ପା ସଭାପତି ତଥା ମଧୁପୁର କଲେଜର ଅଧ୍ୟକ୍ଷ ରମେଶ ନାୟକ, ପୂର୍ବତନ ଯୁବ ବିଜେଡି ସଭାପତି ବିନୟ ସାମଲ, ଯୁବ ସମାଜସେବୀ ରଞ୍ଜନ ପଣ୍ଡା ପ୍ରମୁଖ ପହଞ୍ଚି ଶବାଧାରରେ ପୁଷ୍ପଗୁଚ୍ଛ ଅର୍ପଣ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ମୁଖାଗ୍ନି ଦେଇଥିଲେ।

# ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

**ବାରବାଟୀ, ୪।୪(ସମିସ)**



ରସୁଲପୁର ବ୍ଲକ ଅନ୍ତର୍ଗତ କଲଣ ପଞ୍ଚାୟତର ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଗତ ୨ ତାରିଖରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ବିଦ୍ୟାଳୟରେ ଏକ କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଶମଣି ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କଳାକାର ନାୟକ, ସଭ୍ୟ ଶୁଭେନ୍ଦୁ ସାମଲ, ଅମୂଲ୍ୟ ସାହୁ, ଶୁଭଙ୍କର ନାୟକ, ଛାତ୍ରଛାତ୍ରୀଙ୍କ ଅଭିଭାବକ ଯୋଗ ଦେଇଥିଲେ। ଆସନ୍ତା ଶିକ୍ଷାବର୍ଷ ପାଇଁ ନାମ ଲେଖାଇବାକୁ ଆସିଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏଥିସହିତ ୨୦୨୪-୨୫ ବର୍ଷର ପ୍ରଥମ ପରିଚାଳନା ବୈଠକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପରିଚାଳନା କମିଟି ସଭାପତି, ସଭ୍ୟସଭ୍ୟା, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଣଶିକ୍ଷକ କର୍ମଚାରୀ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

### ବ୍ରଜସୁନ୍ଦର ସରକାରୀ ହାଇସ୍କୁଲ

# ଶ୍ରେଣୀ ଗୃହ ନିର୍ମାଣରେ ଅନିୟମିତତା ଅଭିଯୋଗ

**ବିଞ୍ଝାରପୁର, ୪।୪ (ସମିସ)**



ବିଞ୍ଝାରପୁର ବ୍ଲକର ସୟଦପୁରଠାରେ ଅବସ୍ଥିତ ବ୍ରଜସୁନ୍ଦର ସରକାରୀ ହାଇସ୍କୁଲର ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ପଞ୍ଚାୟତ ସମିତି ପକ୍ଷରୁ ସ୍ଥାନୀୟ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ଏହି ଶ୍ରେଣୀ ଗୃହର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ କରି ଅଟକଳ ଅର୍ଥକୁ ଚଲୁ କରିବା ପରେ ସମ୍ପୃକ୍ତ ଠିକାଦାର ଧରାଛୁଆଁ ଦେଉ ନ ଥିବାବେଳେ କାର୍ଯ୍ୟର ତଦାରଖ କରୁଥିବା ବ୍ଲକର ଜେଇ ମଧ୍ୟ ଏ ଦିଗରେ ନିରବତା ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି।

ବ୍ରଜସୁନ୍ଦର ହାଇସ୍କୁଲରେ ଏବେ ୭ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଶିକ୍ଷାଦାନ ନିମନ୍ତେ ଶ୍ରେଣୀ ଗୃହର ଅଭାବ ଥିବାରୁ ଚାରୋଟି କୋଠରୀର ଆବଶ୍ୟକତା ରହିଛି। ଫଳରେ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ରାଜ୍ୟ ଶକ୍ତି ବିଭାଗ ପକ୍ଷରୁ ୨୦ ଲକ୍ଷ ଟଙ୍କାର ଅନୁଦାନ ଆସିଥିଲା। ୨୦ ଲକ୍ଷ ଟଙ୍କା ଅନୁଦାନରେ ୨ଟି କୋଠରୀ ନିର୍ମାଣକୁ ପୂର୍ଣ୍ଣାଙ୍ଗ ନ କରି ସମ୍ପୃକ୍ତ ଠିକାଦାର ଛୁ ମାରିଥିବାବେଳେ ବ୍ଲକର ଇଂଜିନିୟର ଧରାଛୁଆଁ ଦେଉନାହାନ୍ତି। ୨୦୨୨ରେ ଆରମ୍ଭ କରାଯାଇଥିବା ଏହି ଶ୍ରେଣୀ ଗୃହର ଛାତ ୨୦୨୩ ଅଗଷ୍ଟ ମାସରେ ପଡ଼ିଥିଲା। ସେବେଠାରୁ ଅଦ୍ୟାବଧି କାର୍ଯ୍ୟାଦେଶ ପାଇଥିବା ଠିକାଦାର ଓ ଯନ୍ତ୍ରୀ ଅବଶିଷ୍ଟ କାମ କରିବାକୁ ନାନାଦି ଖେଳ ଖେଳୁଥିବା ଦୁଃଖଦାୟକ ବୋଲି ମୋ ସ୍କୁଲ ପୁରାତନ ଛାତ୍ର ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି। ଅତିରିକ୍ତ ଶ୍ରେଣୀ ଗୃହ ପାଇଁ ଆସିଥିବା ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରା ନ ଯାଇ କେବଳ ଫଳକଟିଏ ରାତିଅଧିଆ ପୋତା ଯାଇଥିବା ଦେଖିବାକୁ ମିଳୁଛି। ସେ ଟଙ୍କା ଖର୍ଚ୍ଚ କରା ନ ଯାଇ ବିଲ କରାଯିବାର ମସୁଧା କରାଯାଉଥିବା ଜଣାପଡ଼ିଛି। ଉଭୟ ଶ୍ରେଣୀ ଗୃହର ନକ୍ସା ବ୍ଲକ ଜେଇଙ୍କଠାରୁ ପ୍ରଧାନ ଶିକ୍ଷକଙ୍କୁ ଦିଆଯାଇନାହିଁ ବୋଲି ବର୍ତ୍ତମାନର ପ୍ରଧାନ ଶିକ୍ଷକ ଅଭିଯୋଗ କରିଛନ୍ତି। ବିଲ୍ କରାଯିବା ପୂର୍ବରୁ ମଧ୍ୟ ପ୍ରଧାନ ଶିକ୍ଷକଙ୍କୁ ଅବଗତ କରାଯାଇ ନ ଥିବା ଜଣାପଡ଼ିଛି। ୨୦ ଲକ୍ଷ ଟଙ୍କାର କାମ ନିମ୍ନମାନର ହୋଇଥିବା ଅଭିଯୋଗକୁ ଜେଇ ଆଦୌ ଗ୍ରହଣ କରି ନ ଥିବା ପୁରାତନ ଛାତ୍ରସଂଘ ପକ୍ଷରୁ କରାଯାଇଥିବା ଅଭିଯୋଗରୁ ଜଣାପଡ଼ିଛି।

ସେହିପରି ମୋ ସ୍କୁଲ ଅଭିଯାନରେ ଆସିଥିବା ୫୦ ଲକ୍ଷ ଟଙ୍କା ମଧ୍ୟ ଅନିୟମିତ ଭାବେ ଖର୍ଚ୍ଚ ହୋଇଥିବା, ସ୍ମାର୍ଟ ଶ୍ରେଣୀ ଗୃହ ସବୁଠାରୁ ଅତି ନମ୍ନମାନର ହୋଇଥିବା ମୋ ସ୍କୁଲ ପୁରାତନ ଛାତ୍ର ସଂଘର ଉପଦେଷ୍ଟା ହରେକୃଷ୍ଣ ପଣ୍ଡା ଅଭିଯୋଗ କରିଛନ୍ତି। ପ୍ରଧାନ ଶିକ୍ଷକ କହିଛନ୍ତି, ଶ୍ରେଣୀ ଗୃହରେ ଏବେ ବିଷଧର ସାପ ବାସ କରୁଛନ୍ତି। ସେ ନିଜେ ହାତରେ ମାରିଛନ୍ତି। ପିଲାମାନେ ପାଠ ପଢ଼ିବା ପାଇଁ ଶ୍ରେଣୀ ଗୃହର ଅଭାବ, ଚେୟାର ଡେସ୍କର ଅଭାବ ଥିବାବେଳେ ଆସିଥିବା ୩୦ ଲକ୍ଷ ଟଙ୍କାର ଅନୁଦାନରେ ଅନ୍ତତଃ ୪ଟି ଶ୍ରେଣୀ ଗୃହ ନିର୍ମାଣ ଖୁବଶୀଘ୍ର ସରିବା ଆବଶ୍ୟକ କରୁଛି। ଏବେ ୫ ଲକ୍ଷ ଟଙ୍କାର ସ୍ମାର୍ଟ ବ୍ଲାକ ବୋର୍ଡ ଆସି ରଖାଯାଇଛି। ଯାହାକୁ ଫିକ୍ସ କରିବା ପାଇଁ ଗୃହ ନାହିଁ। ଜିଲ୍ଲାର ଐତିହ୍ୟ ସମ୍ପନ୍ନ ଓ ପୁରାତନ ବିଦ୍ୟାଳୟ ପାଇଁ ଆସୁଥିବା ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ହରିଲୁଟ ହେଉଥିବା ଅଭିଯୋଗର ତଦନ୍ତ କରିବା, ତୁରନ୍ତ ଏହି ୩୦ ଲକ୍ଷ ଟଙ୍କାର ସଦବିନିଯୋଗ କରାଯାଇ ଶ୍ରେଣୀ ଗୃହ ଗୋଟିଏ ମାସ ଭିତରେ ଶେଷ କରିବା ଓ ଏହି ପ୍ରକଳ୍ପର ଏଷ୍ଟିମେଟ ସରକାରୀ କପି ତୁରନ୍ତ ପ୍ରଧାନ ଶିକ୍ଷକଙ୍କୁ ଦିଆଯିବା ନେଇ ସଂଘର ଉପଦେଷ୍ଟା ଶ୍ରୀ ପଣ୍ଡା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଝାଡ଼େଶ୍ୱର ଜୁନିୟର କଲେଜ ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଦାନଗଦି, ୪।୪(ସମିସ):** ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଅର୍ନ୍ତଗତ ଟୋଲକାନୀସ୍ଥ ଝାଡ଼େଶ୍ୱର ଜୁନିୟର ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଇତିହାସ ବିଭାଗ ପ୍ରାଧ୍ୟାପକ ଡଃ ଯୁଗଳ କିଶୋର ହୋତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ନୂତନ ଅଧ୍ୟକ୍ଷ ଡଃ ଅକ୍ଷୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ କୁଶଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଡଃ ହୋତାଙ୍କ ଛାତ୍ର ବତ୍ସଳତା, ସରଳତା ଓ କଲେଜ ପରିଚାଳନାରେ ଥିବା ଦକ୍ଷତା ଆଦି ଉପରେ ଆଲୋକପାତ କରିବା ସହ ତାଙ୍କର ଅବସର ପରବର୍ତ୍ତୀ ଜୀବନର ମଙ୍ଗଳ କାମନା କରିଥିଲେ। ଏ ଅବସରରେ କଲେଜର ପ୍ରତିଷ୍ଠାତା ଦୀନବନ୍ଧୁ ପୃଷ୍ଟି, ସାମାଜିକ କର୍ମୀ ଦୁଷ୍ମନ୍ତ କୁମାର ରାଉତ, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡଃ ଅକ୍ଷୟ କୁମାର ପଣ୍ଡା, ଗୋବର୍ଦ୍ଧନପୁର ମେଡିକାଲ ଅଫିସର ସଞ୍ଜୀବ କୁମାର ବେହେରା ପ୍ରମୁଖ ଯୋଗ ଦେଇ ନୂତନ ଅଧ୍ୟକ୍ଷ ଡଃ ପଣ୍ଡାଙ୍କୁ ସ୍ୱାଗତ କରିବା ସହ ବିଦାୟୀ ଅଧ୍ୟକ୍ଷ ଡଃ. ହୋତାଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କଲେଜର ଅଧ୍ୟାପିକା ମିରାମ୍ବିକା ସାହୁ, ପାରିଜାତ ମହାନ୍ତି, ଇତିଶ୍ରୀ ମଲ୍ଲିକ, ସିଲନପ୍ରଭା ନାୟକ, କୃଷ୍ଣଚନ୍ଦ୍ର ସାହୁ, ପ୍ରାକ୍ତନ ଅଧ୍ୟାପକ ଦିଲ୍ଲୀପ କୁମାର ଜେନା, କାଶୀନାଥ ସ୍ୱାଇଁ, କଲେଜ ପରିଚାଳନା କମିଟିର ପୂର୍ବତନ ଓ ବର୍ତ୍ତମାନର କର୍ମକର୍ତ୍ତା ନାରାୟଣ ଚନ୍ଦ୍ର ନାୟକ, ଗୋକୁଳ ବିହାରୀ ପୃଷ୍ଟି, ଶୁକଦେବ ସାହୁ, କୁଳମଣି ଦତ୍ତ, ମୋହନ ସାହୁ, ପୁରାତନ ଛାତ୍ର କୃପାସିନ୍ଧୁ ମିଶ୍ର, ଅଣଶିକ୍ଷକ କର୍ମଚାରୀ ସତ୍ୟଭାମା ସାହୁ, ଅବନୀ ମହାରଣା, ସୁଶାନ୍ତ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବେଲବାହାଲି ଅଞ୍ଚଳରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ



**ବେଲବାହାଲି,୪।୪(ସମିସ):** ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପାଇଁ ଆନନ୍ଦପୁର ଉପଖଣ୍ଡରେ ପୁଲିସର ପ୍ରାକ୍ ନିର୍ବାଚନୀ ପ୍ରସ୍ତୁତି ପ୍ରତିଦିନ ଜୋରଦାର କରାଯାଇଛି। ଏହି ଉପଲକ୍ଷେ ପୁଲିସ ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା ପରିସ୍ଥିତିର ଅନୁଧ୍ୟାନ ପାଇଁ ବିଭିନ୍ନ ଅଞ୍ଚଳରେ ସିଆଇଏସ୍‌ଏଫ ଯବାନମାନଙ୍କୁ ନେଇ ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ ଆରମ୍ଭ ହୋଇଛି। କେନ୍ଦୁଝର ଏସ୍‌ପି ନୀତିନ କୁଶଲକର ଡାଗୁଡୁଙ୍କ ନିର୍ଦ୍ଦେଶରେ ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା ଆନନ୍ଦପୁର ଉପଖଣ୍ଡର ବେଲବାହାଲି, ଟୋଲଙ୍କପଡା, ମଙ୍ଗଳପୁର ଅଞ୍ଚଳର ବିଭିନ୍ନ ସାହିବସ୍ତିରେ ସିଆଇଏସଫ ଯବାନମାନଙ୍କୁ ନେଇ ଫ୍ଲାଗମାର୍ଚ୍ଚ କରିଥିବା ଜଣାଯାଇଛି। ପୁଲିସର ଏହି ପ୍ରାକ୍ ପ୍ରସ୍ତୁତି କାର୍ଯ୍ୟରେ ଘଷିପୁରା ଥାନା ଅଧିକାରୀ ସୁନିଲ କୁମାର କର ଉପସ୍ଥିତ ରହି ପୁଲିସ ବାହିନୀକୁ ପରିଚାଳନା କରିଥିଲେ।

● ଝାଞ୍ଜିରେ ସିଝୁଛି ହାଟଡିହୀ

# କଲବଲ କରୁଛି ଅସହ୍ୟ ଗରମ

**ହାଟଡିହୀ,୪।୪(ସମିସ):** କିଛିଦିନ ହେବ ପ୍ରବଳ ଗ୍ରୀଷ୍ମପ୍ରବାହ ସହ ତତଲା ଝାଞ୍ଜି ଯୋଗୁଁ ସାରା ରାଜ୍ୟରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଉଠିଥିଲା ବେଳେ ସେଥିରୁ କେନ୍ଦୁଝର ଜିଲ୍ଲାର ହାଟଡ଼ିହୀ ଅଞ୍ଚଳଟି ବାଦ୍ ପଡ଼ିନି। କ୍ରମଶଃ ତାପମାତ୍ରା ବୃଦ୍ଧି ପାଇବାରୁ ଲୋକେ ଅଣନିଃଶ୍ୱାସୀ ହୋଇଗଲେଣି। ବିଭିନ୍ନ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇଥିବା ବେଳେ ଏହି କ୍ରମରେ କେନ୍ଦୁଝର ଜିଲ୍ଲାରେ ସର୍ବାଧିକ ତାପମାତ୍ରା ପ୍ରାୟ ୪୦ଡ଼ିଗ୍ରୀ ଅତିକ୍ରମ କରିଛି। ଗ୍ରୀଷ୍ମପ୍ରବାହର ତାତି ଯୋଗୁଁ ବିଭିନ୍ନ ଛକବଜାର ମାନଙ୍କରେ ଦିନ ୧୧ଟା ପରେ ଜନଶୂନ୍ୟ ପରି ଲାଗୁଛି। ଅସହ୍ୟ ଗରମରେ ବାରମ୍ବାର ବିଦ୍ୟୁତ୍ କାଟ୍ ଏକ ପ୍ରକାର ଯନ୍ତ୍ରଣା ଦାୟକ ହୋଇପଡ଼ିଛି। ଅସହ୍ୟ ଗରମର ବିଶେଷ ପ୍ରଭାବ ଦିନମଜୁରିଆ, ଟଲି ଓ ରିକ୍ସା ଚାଳକଙ୍କ ଉପରେ ପଡ଼ିଛି। ଏହି ପ୍ରଚଣ୍ଡ ତାତି ଯୋଗୁଁ ଚାରିଆଡ଼େ ଖାଁ ଖାଁ ପରିବେଶ ସୃଷ୍ଟି ହୋଇଛି। ଏହି ପ୍ରଚଣ୍ଡ ଖରା ସକାଶେ ଛାତ୍ରଛାତ୍ରୀଙ୍କ ପାଇଁ ସରକାର ୨ତାରିଖ ଠାରୁ ସକାଳୁଆ ସ୍କୁଲ୍ କଲେଜ୍ ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ତାତି ନକମିଲା ଯାଏଁ ନିସ୍ତାର ନାହିଁ ବୋଲି କୁହାଯାଇଛି।

● ଯୁବକଙ୍କ ଉପରେ ଚଢ଼ିଗଲା ଟ୍ରକ୍

# ଉତ୍ତ୍ୟକ୍ତ ଲୋକେ ଜାଳିଦେଲେ ଟ୍ରକ୍

**କେନ୍ଦୁଝର,୪।୪(ସମିସ):** କେନ୍ଦୁଝର ସଦର ଥାନା ରାଇଗୁଡ଼ା ଠାରେ ବୁଧବାର ବିଳମ୍ବିତ ରାତ୍ରିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଗାଁ ରାସ୍ତାରେ ଗୋଟିଏ ଟ୍ରକ ଜଣେ ଯୁବକଙ୍କ ଉପରେ ଚଢ଼ିଯିବାରୁ ଯୁବଙ୍କ ମୃତ୍ୟୁ ପରେ ଲୋକ ଟ୍ରକରେ ନିଆଁ ଲଗାଇ ଦେଇଥିଲେ। ବାଂଶପାଳ ବ୍ଲକର ରାୟଗୁଡା ପଞ୍ଚାୟତରେ ଥିବା ଶ୍ରୀ ମେଟାଲିକ ପ୍ଲାଣ୍ଟ ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ୧୪ ଚକିଆ ଟ୍ରକ୍ ଚାପି ଦେବାରୁ ସ୍ଥାନୀୟ ବିନିନ୍ଦା ଗ୍ରାମର ସନ୍ତୋଷ ଦେହୁରୀ ମୃତ୍ୟୁବରଣ କରିଥିଲେ। ସେ ପରିବାରର ଏକମାତ୍ର ରୋଜଗାରିଆ ପୁତ୍ର ଥିଲେ। ଗାଡ଼ି ଚକା ତଳେ ପଡି ତାଙ୍କର ଅଣ୍ଟାରୁ ମୁଣ୍ଡ ସମ୍ପୂର୍ଣ୍ଣ ଖଣ୍ଡଖଣ୍ଡ ହୋଇଯାଇଥିଲା। ଏହି ହୃଦୟ ବିଦାରକ ଦୃଶ୍ୟ ଦେଖି ଉତ୍ତ୍ୟକ୍ତ ଲୋକେ ଟ୍ରକଟିକୁ ନିଆଁ ଲଗାଇ ଦେଇଥିବାରୁ ଟ୍ରକଟି ସମ୍ପୂର୍ଣ୍ଣ ଜଳି ଯାଇଛି। ରାତିରେ ଖବର ପାଇ ପୁଲିସ ଘଟଣାସ୍ଥଳେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲା। ତେବେ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

# ନାତି ପାଖକୁ ଯାଇଥିବା ଜେଜେ ଭୁବନେଶ୍ୱରରେ ନିଖୋଜ



**ଆନନ୍ଦପୁର,୪।୪(ସମିସ):** ନିଜ ନାତିନାତୁଣୀଙ୍କୁ ଦେଖା କରିବାକୁ ଯାଇଥିବା ଜେଜେ ଭୁବନେଶ୍ୱରରେ ନିଖୋଜ ହୋଇଯିବା ଘଟଣା ପୁଲିସରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, କେନ୍ଦୁଝର ଜିଲ୍ଲା ଆନନ୍ଦପୁର ୬ନଂ ୱାର୍ଡ ହରିଜନ ସାହିର ଭରତ ଜେନା(୭୫) କିଛି ଦିନ ହେବ ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମା ଅଞ୍ଚଳରେ ରହୁଥିବା ନିଜ ନାତିନାତୁଣୀଙ୍କ ପାଖକୁ ଯାଇଥିଲେ। ଗତ ୧ ତାରିଖ ସନ୍ଧ୍ୟା ୫.୩୦ ସମୟରେ ନାତି ମନୋଜ ଜେନା ଓ ତାଙ୍କ ଭଉଣୀ କ୍ରିଷ୍ଣା ମହାରଣା ନିକଟସ୍ଥ ଗ୍ରୋସରୀ ଦୋକାନକୁ ସଉଦା କିଣିବାକୁ ଯାଇଥିଲେ। ମାତ୍ର ସଉଦା କିଣି ସାରି ଘରକୁ ଫେରିବା ପରେ ଜେଜେ ବାପା ଭରତ ଜେନା ଘରେ ନଥିବା ଦେଖିବାକୁ ପାଇଥିଲେ। ଏନେଇ ସେମାନେ ପରିବାର ଲୋକ, ବନ୍ଧୁବାନ୍ଧବ ଓ ସାଙ୍ଗସାଥୀଙ୍କୁ ଜଣାଇବା ସହିତ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ବୃଦ୍ଧ ଜେଜେଙ୍କର କୌଣସି ପତ୍ତା ମିଳିନଥିଲା। ପରେ ନାତି ମନୋଜ ଜେନା ଜେଜେ ବାପାଙ୍କ ନିଖୋଜ ନେଇ ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରି ଜେଜେ ବାପାଙ୍କୁ ଖୋଜି ଆଣିଦେବା ପାଇଁ ଆକୁଳ ନିବେଦନ କରିଛନ୍ତି। ତେବେ ପରିବାରରେ କୌଣସି ମତମତାନ୍ତର କିମ୍ବା ବିବାଦ ନଥିବା ବେଳେ ବୃଦ୍ଧ ଭରତ ନିଖୋଜ ହୋଇଯିବା ନେଇ ପରିବାର ଲୋକେ ଚିନ୍ତିତ ହୋଇପଡିଛନ୍ତି।

# ୪୧ ଅଙ୍ଗନବାଡ଼ି କେନ୍ଦ୍ରର ନାହିଁ ନିଜସ୍ୱ ଗୃହ

## ବିଦ୍ୟୁତ ସଂଯୋଗ ନଥିବାରୁ ହନ୍ତସନ୍ତ ହେଉଛନ୍ତି ଶିଶୁ

ଆନନ୍ଦପୁର,୪।୪(ସମିସ)



ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ ଥିବା ଆନନ୍ଦପୁର ବ୍ଲକର ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରରେ ଅନେକ ସମସ୍ୟା ଲାଗି ରହିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏହି କେନ୍ଦ୍ରକୁ ପ୍ରତିଦିନ ଗର୍ଭବତି ଓ ପ୍ରସୂତି ମହିଳା ଏବଂ କୋମଳମତି ଶିଶୁମାନେ ଆସୁଥିଲେ ମଧ୍ୟ ପିଇବା ପାଣିର ଅଭାବ ଓ ବିଦ୍ୟୁତ ସଂଯୋଗ ନଥିବାରୁ ହନ୍ତସନ୍ତ ହେଉଥିବା ପରିସ୍ଥିତି ପରିଲକ୍ଷିତ ହୋଇଛି। ଆନନ୍ଦପୁର ବ୍ଲକ ଅଧୀନରେ ମୋଟ ୨୨୮ ଅଙ୍ଗନବାଡି କେନ୍ଦ୍ର ମଧ୍ୟରୁ ୧୮୭ ଗୋଟି ନିଜସ୍ୱ କେନ୍ଦ୍ରରେ ଚାଲିଥିବା ବେଳେ ୨୧ଟି ଭଡ଼ାଘରେ ଚାଲିଥିବା ଏବଂ ୨୦ଟି ଅଙ୍ଗନବାଡି କେନ୍ଦ୍ର ବିଦ୍ୟାଳୟ ଗୃହରେ ଚାଲିଥିବା ଜଣାଯାଇଛି। ୧୨୮ଟି କେନ୍ଦ୍ରରେ ବିଦ୍ୟୁତ ସଂଯୋଗ ହୋଇନଥିବାରୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ କୋମଳମତି ଶିଶୁମାନେ ଅସହ୍ୟ ତାତି ଓ ଗୁଳୁଗୁଳିରେ ନାହିଁ ନଥିବା ହୀନସ୍ତା ହେଉଥିବା ଦେଖିବାକୁ ମିଳିଛି। ଆନନ୍ଦପୁର ବଡ଼ଦାଣ୍ଡସ୍ଥିତ ବାଳିକା ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା କେନ୍ଦ୍ର ପାଶ୍ୱର୍ରେ ଅନାବନା ଗଛ ଉଠିଥିବାରୁ ସରୀସୃପଙ୍କ ଭୟ ଥିବାରୁ ଶିଶୁ ମାନଙ୍କ ପ୍ରତି ବିପଦ ସୃଷ୍ଟି କରିଛି। ଅଙ୍ଗନବାଡି କେନ୍ଦ୍ର ପରିସର ସଫେଇ ଓ ସ୍ୱଚ୍ଛ ରଖିବା ପାଇଁ ଅନୁଦାନ ଆସୁଥିଲେ ମଧ୍ୟ ଏହା ଠିକ ଭାବେ ବିନିଯୋଗ ହୋଇପାରୁନାହିଁ। ଏନେଇ ଅଙ୍ଗନବାଡି ସୁପରଭାଇଜରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ, ବିଭିନ୍ନ ଆନୁଷଙ୍ଗିକ ଅସୁବିଧା ଯୋଗୁ ବିଦ୍ୟୁତ ସଂଯୋଗ ସମ୍ଭବ ହେଉନାହିଁ ବୋଲି ପ୍ରକାଶ କରିଛନ୍ତି। କାରଣରୁ ଅଙ୍ଗନବାଡି କେନ୍ଦ୍ରଗୁଡିକୁ ବିଦ୍ୟୁତ ସଂଯୋଗ ହୋଇପାରୁନଥିବା ସେ କହିଛନ୍ତି।

# ପୁରୁଣାବାନ୍ଧଗୋଡ଼ାରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

**ରାମଚନ୍ଦ୍ରପୁର,୪।୪(ସମିସ):** ମତଦାନ ପାଖେଇ ଆସୁଥିବା ବେଳେ ଗାଁ ଗହଳିରେ ରାଜନୈତିକ ଉଷ୍ମତା ସେତିକି ଦେଖିବାକୁ ମିଳିଲାଣୀ। ଖରା ତାତିକୁ ଖାତିର ନକରି ପ୍ରଚାର ମୈଦାନରେ ନେତା ଓ ତାଙ୍କ ସମର୍ଥକ ଭିଡ ଜମାଇଲେଣି। ଏହି କ୍ରମରେ କେନ୍ଦୁଝର ଜିଲ୍ଲା ରାଜନୀତିରେ ଚର୍ଚ୍ଚିତ ରାଜନେତା ତଥା ବିଜେଡି ଦଳର ଭେଟେରାନ ଲିଡର ବଦ୍ରିନାରାୟଣ ପାତ୍ର ନିଜ ନିର୍ବାଚନ ମଣ୍ଡଳୀ ଘଷିପୁରା ଠାରେ ପ୍ରଚାର ମୈଦାନକୁ ଓହ୍ଲାଇଛନ୍ତି। ଆଜି ଘଷିପୁରା ବ୍ଲକ୍ ପୁରୁଣାବାନ୍ଧଗୋଡା ପଞ୍ଚାୟତ ତିଗିରିଆ ଗ୍ରାମରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଚାର ସମୟରେ କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଘସିପୁରା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଓ ବିଜେପି ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇନଥିବାବେଳେ ପାଞ୍ଚ ଥରର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ୪୦ ଡିଗ୍ରୀ ଖରାକୁ ଖାତିର ନକରି କର୍ମୀମାନଙ୍କ ସହ ଗାଁ ଗାଁ ଘରକୁ ଘର ବୁଲି ବିଜେଡି ସରକାରଙ୍କ ଜନହିତକର କାର୍ଯ୍ୟକୁ ପାଥେୟ କରି ଭୋଟ ମାଗୁଥିବା ଦେଖିବାକୁ ମିଳିଛି। ପୂର୍ବତନ ସରପଞ୍ଚ ବୈଷ୍ଣବ ସେନାପତି, ସମାଜସେବୀ ସୁଜିତ କୁମାର ଧୀର, ସନ୍ତୋଷକୁମାର ଧୀର, ପ୍ରଦିପ ନାୟକ, ପ୍ରଭାସ ଦାସ, ସୌମେନ୍ଦ୍ର କୁମାର ଧୀର, ରିଟୁ ମହାନ୍ତି, ଜିତେନ୍ଦ୍ର ପଟ୍ଟନାୟକ, ତିଗିରିଆ ଗ୍ରାମର ବନୋଜ ବେହେରା, ମାୟାଧର ରାଉତ, ନେତୁ ବେହେରା, ଗାଣ୍ଡୁଚରଣ ବେହେରା, ଶୈଳେନ୍ଦ୍ର ବାରିକ, ମହେନ୍ଦ୍ର ବେହେରା, ଶାନ୍ତନୁ ଦାସ, ବିଦ୍ୟାଧର ଜେନା, ପରେଶ ପଟ୍ଟନାୟକ ସମେତ ପାଖ ପଡୋଶୀ ଗ୍ରାମରୁ ଶତାଧିକ ବିଜେଡି କର୍ମୀ ଏଥିରେ ସାମିଲ ହୋଇଥିଲେ।



# ଆଦର୍ଶ ଶିକ୍ଷକଙ୍କୁ ଶ୍ରଦ୍ଧାଞ୍ଜଳି

**ରାମଚନ୍ଦ୍ରପୁର,୪।୪(ସମିସ):** ସ୍ଥାନୀୟ ସାଇଁକୁଳ ନେହରୁ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ପକ୍ଷରୁ ଦିବଂଗତ ଆଦର୍ଶ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କୁ ସ୍ମୃତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଗ୍ରାମର ବରିଷ୍ଠ ନାଗରିକ ଅନନ୍ତ ଚରଣ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ଉମାକାନ୍ତ ଯେନାଙ୍କ ସଂଯୋଜନାରେ ଗୋପିନାଥ ସ୍ୱାଇଁ, ପ୍ରଦୀପ କୁମାର ଚକ୍ର, ବିନୋଦ ବିହାରୀ ଜେନା, ଲିଲିମା ଖୁଣ୍ଟିଆ, ସଦାଶିବ କବି, ହରିହର ବେହେରା,ନରହରି ରାଉତ ମାର୍କଣ୍ଡ ସାମଲ, ବ୍ରହ୍ମାନନ୍ଦ ପଟନାୟକ, ସୁରେନ୍ଦ୍ର ନାୟକ, ଶରତ ରାଉତ, ଗଙ୍ଗାଧର ପତି, ଆନନ୍ଦ ନାୟକ, ପରେଶ କୁଅଁର ଓ ସୁବାସ ଚନ୍ଦ୍ର ଚକ୍ର ପ୍ରମୁଖ ସ୍ୱର୍ଗତ ଶିକ୍ଷକଙ୍କ ନିଷ୍ଠା ଓ ଆଦର୍ଶର ଅଭୁଲା ସ୍ମୃତିକୁ ରୋମନ୍ଥନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ଜଳଧର ବେହେରା, ଜଗବଂଧୁ ପରିଡା, ମୋହନ ଚକ୍ର, ଅର୍ଜୁନ କର, ହରିହର ମଲ୍ଲିକ ଆଦିତ୍ୟ ମିଶ୍ର, ତ୍ରିଲୋଚନ ପରିଡା, ଦେବେନ୍ଦ୍ର ମିଶ୍ର, ନିରଞ୍ଜନ ପତି,ବାଦଲ ଭଞ୍ଜ ସୁରେଶ ଚକ୍ର, ପ୍ରଦୀପ ମହାନ୍ତି, ଅରୁଣ ଭୂଁୟା ସୁଜିତ ଜେନା ଦିବାକର ନାୟକ, ଚିତ୍ତରଞ୍ଜନ ପରିଡା ଓ ହରମୋହନ ପରିଡା ପ୍ରମୁଖ ଶତାଧିକ ପୁରାତନ ଛାତ୍ର ଯୋଗ ଦେଇଥିବା ବେଳେ ଶ୍ରୀକାନ୍ତ ସେନାପତି, ଅନନ୍ତ ନାରାୟଣ ଦାସ, ପ୍ରଶାନ୍ତ ଚକ୍ର, ମନୋଜ ପରିଡା ଓ ବିଷ୍ଣୁ ସାମଲ, କାଶିମ ଖାଁ ଓ ସହଯୋଗ ରେ ରମେଶ ଚକ୍ର, ଭାଗିରଥି ପରିଡା, ମନ୍ମଥ ବେହେରା, ମହେନ୍ଦ୍ର ଚକ୍ର ଓ ଦୈତାରୀ ବିଶ୍ୱାଳ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ଓକିଲ ସଂଘ ଦାୟିତ୍ୱ ଗ୍ରହଣ କଲେ ନବନିର୍ବାଚିତ କର୍ମକର୍ତ୍ତା



**ଆନନ୍ଦପୁର,୪।୪(ସମିସ):** ଗତ ୩୦ ତାରିଖରେ ଶେଷ ହୋଇଥିବା ଆନନ୍ଦପୁର ଓକିଲ ସଂଘ ନିର୍ବାଚନରେ ନିର୍ବାଚିତ ହୋଇଥିବା ନୂତନ କର୍ମକର୍ତ୍ତାମାନେ ଆଜି ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଜଣାଯାଇଛି। ଏହି ଉପଲକ୍ଷେ ଓକିଲ ସଂଘ ସଭାଗୃହରେ ଆୟୋଜିତ ସଭାରେ ନିର୍ବାଚନ ଅଧିକାରୀ ଆଇନଜିବୀ ରାମଚନ୍ଦ୍ର ପାତ୍ର ନୂତନ ଭାବେ ନିର୍ବାଚିତ ହୋଇଥିବା ସଭାପତି ଚିତ୍ତରଞ୍ଜନ ଦାଶ, ଉପସଭାପତି ହେମରଞ୍ଜନ ବେହେରା, ସମ୍ପାଦକ ଭଗବାନ ମଲିକ, ଯୁଗ୍ମ ସମ୍ପାଦକ ଭାବେ ପ୍ରଦୀପ କୁମାର ଜେନା, କୋଷାଧ୍ୟକ୍ଷ ଅମୀୟ କୁମାର ଜେନା ଓ କାର୍ଯ୍ୟକାରୀ କମିଟି ସଦସ୍ୟ କୁମର ସିଂ ମହାନ୍ତି, କହ୍ନେଇ ଚରଣ ସାହୁ, ଶୈଳେଶ କୁମାର ପଟ୍ଟନାୟକଙ୍କୁ ଶପଥ ପାଠ କରାଇଥିଲେ। ପରେ ନବନିର୍ବାଚିତ କର୍ମକର୍ତ୍ତା ମାନେ ବୃତ୍ତି ଓ ପ୍ରବୃତିର ମର୍ଯ୍ୟାଦା ରକ୍ଷା କରିବା ସହିତ ସମସ୍ତ ସଦସ୍ୟମାନଙ୍କ ପାଇଁ ସମାନ ନୀତି ଓ ସମ୍ମାନ ଧାରାରେ କାର୍ଯ୍ୟ କରିବାକୁ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ସଂଜୟ କୁମାର ମିଶ୍ର, ଦୟାନିଧି ଦାଶଙ୍କ ସମେତ ଅନେକ ଆଇନଜିବୀ ଉପସ୍ଥିତି ଥିଲେ।

# ବେଲବାହାଲିରେ ମା' କଦଳେଇଙ୍କ ବାର୍ଷିକ ଉତ୍ସବ



ବେଲବାହାଲି,୪।୪(ସମିସ): ଆନନ୍ଦପୁର ବ୍ଲକ ବେଲବାହାଲି ଗ୍ରାମର ଗ୍ରାମଦେବତୀ ମା' କଦଳେଇ ଠାକୁରାଣୀଙ୍କ ୪ର୍ଥତମ ବାର୍ଷିକ ଉତ୍ସବ ଚୈତ୍ର ମାସ ୨୨ ଦିନରେ ଆଜି ବହୁ ଆଡ଼ମ୍ବରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ସଂକଳ୍ପରେ ନୃସିହ ସାହୁ ଏବଂ ଅଶାନ୍ତି ସାହୁ ବସିଥିବା ବେଳେ ପଣ୍ଡିତ ଉଗ୍ରସେନ ପଣ୍ଡା ରୀତିନୀତିରେ ପୂଜାର୍ଚ୍ଚନା କରି ଭକ୍ତ ମାନଙ୍କ ପାଇଁ ମାଙ୍କ ନିକଟରେ ଗୁହାରି କରିଛନ୍ତି। ସକାଳୁ କୁସେଇ ନଦୀରେ କଳସ ବୁଡାଇ ବାଜାଡୋଲ ବଜାଇ ଗ୍ରାମ ପରିକ୍ରମା କରି ମନ୍ଦିର ନିକଟରେ କଳସ ସ୍ଥାପନ କରି ସୂର୍ଯ୍ୟପୂଜା, ଗଣପତି ଘଟପୂଜା, ଦେବୀ ଘଟପୂଜା, ବର୍ଦ୍ଧନି ଘଟପୂଜା, ପାର୍ଶ୍ୱଦେବତା, ହୋମଯଜ୍ଞ, ଭଜନ କୀର୍ତ୍ତନ, ଶେଷରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ କରାଯାଇ ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କମିଟିର ସଭାପତି ସୁଦାମ ସାହୁ ଏବଂ ସମ୍ପାଦକ ଧନେଶ୍ୱର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଶାନ୍ତିଶୃଙ୍ଖଳାରେ କମିଟିର ସଦସ୍ୟ ମାନେ କାର୍ଯ୍ୟକ୍ରମ ତୁଲାଇଥିଲେ। ଗ୍ରାମଦେବତୀଙ୍କ ସେବକ ନରହରି ଦେହୁରୀ ଏବଂ ଶ୍ରୀଧର ଦେହୁରୀ ଏବଂ ଆତୁଳ ମଣ୍ଡଳ ପୂଜା କରିଆସୁଥିବା ବେଳେ ମହିଳା ଓ ପୁରୁଷ ଭକ୍ତମାନଙ୍କ ମଧ୍ୟରେ ଏକତା ଓ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏଥିରେ ଗ୍ରାମର ପ୍ରତେକ ସାହିରୁ କୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲେ।

# ସିନ୍ଧୁଙ୍କୁ ପ୍ରାର୍ଥୀ ଘୋଷଣାପରେ ବିଜେଡି କର୍ମୀ ଉତ୍ସାହିତ



**ଆନନ୍ଦପୁର,୪।୪(ସମିସ):** କେନ୍ଦୁଝର ଲୋକସଭା ଆସନ ପାଇଁ ବିଜୁ ଜନତା ଦଳ ପକ୍ଷରୁ ଧନୁର୍ଜୟ ସିଦ୍ଧୁଙ୍କୁ ପ୍ରାର୍ଥୀ କରାଯାଇଥିବାରୁ ଆନନ୍ଦପୁରରେ ବିଜୁ ଜନତା ଦଳର ନେତୃବୃନ୍ଦ ଓ କର୍ମୀମାନେ ବେଶ୍ ଉତ୍ସାହିତ ହୋଇଥିବା ଜଣାଯାଇଛି। ବିଜୁ ଜନତା ଦଳର ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀ ସିଦ୍ଧୁଙ୍କୁ ପ୍ରାର୍ଥୀ କରିଥିବାରୁ ସେ ଦଳରେ ଗ୍ରହଣୀୟ ହୋଇଥିବା ଜଣାଯାଇଛି। ଶ୍ରୀ ସିଦ୍ଧୁ ପୂର୍ବରୁ ଚମ୍ପୁଆ ନିର୍ବାଚନ ମଣ୍ଡଳୀର ବିଧାୟକ ଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସେ ତେଲକୋଇରେ ବିଜେପି ସଂଗଠନକୁ କ୍ରିୟାଶୀଳ କରାଇବା ଓ ତାଙ୍କ ଲୋକପ୍ରିୟତା ବୃଦ୍ଧି ପାଇବାରୁ ସଂଗଠନ ନେତୃବୃନ୍ଦଙ୍କ ପରାମର୍ଶ କ୍ରମେ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ। କେନ୍ଦୁଝର ଲୋକସଭା ପାଇଁ ବିଜେପି ପୂର୍ବତନ ସାଂସଦ ଅନନ୍ତ ନାୟକଙ୍କୁ ପ୍ରାର୍ଥୀ କରିଥିବା ବେଳେ ବିଜୁ ଜନତା ଦଳରୁ ପ୍ରାର୍ଥୀ ହୋଇଥିବା ଶ୍ରୀ ସିଦ୍ଧୁ ଏବେ ଚର୍ଚ୍ଚାର ଆଗଧାଡିରେ ଥିବା ଜଣାଯାଇଛି। ତାଙ୍କର ପ୍ରାର୍ଥିତ୍ୱକୁ ନେଇ ଆନନ୍ଦପୁର ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି।

# ସ୍ଥାୟୀ ପରିଚାଳନା ନିର୍ଦ୍ଦେଶକ ନିଯୁକ୍ତି ଦାବି

**ତେଲକୋଇ,୪।୪(ସମିସ):** କେନ୍ଦୁଝର ଜିଲ୍ଲାର ତେଲକୋଇ ବ୍ଲକ କୃଷି ବହୁଳ ଅଞ୍ଚଳ ହୋଇଥିବା ବେଳେ କୃଷି କ୍ଷେତ୍ରରେ ବ୍ୟାପକ ସମସ୍ୟା ଦେଇ ଗତି କରୁଛି। ଅଞ୍ଚଳର ଚାଷୀ ମାନେ ବିହନ, ସାର, କୀଟନାଶକ କ୍ରୟ ଏବଂ ଅମଳ ଧାନ ବିକ୍ରୟ ପାଇଁ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବିଶେଷ ଭାବରେ ତେଲକୋଇ ବ୍ଲକରେ ନୂତନ ଭାବରେ ଗଠନ ହୋଇଥିବା ଦେଉଳ ଡିହା - କରଦାଙ୍ଗି ସମବାୟ ସମିତି, ଆକୁଳ - ଭିମକାଣ୍ଡ ସମବାୟ ସମିତି ଏବଂ ପୋଡାଙ୍ଗ - କରମଙ୍ଗି ସମବାୟ ସମିତିରେ ସ୍ଥାୟୀ ପରିଚାଳନା ନିର୍ଦ୍ଦେଶକ ନିଯୁକ୍ତି ହୋଇ ନଥିବାରୁ ସ୍ଥାନୀୟ ଅଞ୍ଚଳର ଚାଷୀ ଏହି କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ ହୋଇଛି। ଯାହା ଫଳରେ ନୂତନ ସମବାୟ ସମିତିର ସୁବିଧା ସୁଯୋଗ ଚାଷୀ ପାଇବାରୁ ବଞ୍ଚିତ ହେଉଛନ୍ତି। ଖୋଲା ଯାଇଥିବା ନୂତନ ସମବାୟ ସମିତି କାର୍ଯ୍ୟାଳୟରେ ତୁରନ୍ତ ସ୍ଥାୟୀ ପରିଚାଳକ ନିଯୁକ୍ତି ପାଇଁ ଦାବି ହୋଇଛି।

# ବେତିରା ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ



**ସୋସୋ,୪।୪(ସମିସ):** ହାଟଡିହି ବ୍ଲକର ମରେଇଗାଁ ପଞ୍ଚାୟତ ବେତିରା ଗ୍ରାମର ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଛି। ୭୦ ବର୍ଷରୁ ଉର୍ଦ୍ଧ୍ୱ ଧରି ଚାଲିଥିବା ଏହି ଅଷ୍ଟପ୍ରହରୀ ଗତ ୨ ତାରିଖ ଅଧିବାସ କଳସ ଅଣାଯାଇଥିବା ବେଳେ ଗତକାଲି ସଂକୀର୍ତ୍ତନ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଆଜି ନଗର ପରିକ୍ରମା କରାଯାଇଥିଲା। ଏହିସମୟରେ ଯତିନ୍ଦ୍ରଦାସ, ଶ୍ରୀଧରଦାସ, ଲିପୁଦାସ, କୃଶଦାସ ପ୍ରମୁଖ ବହୁ ଗ୍ରାମର ଯୁବକ ଏବଂ କମିଟିର ସଦସ୍ୟ ସହଯୋଗ କରିଥିବାବେଳେ କୃତ୍ତିବାସ ଦାସ, ଅଜୟ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଦେଓଗାଁର ଐତିହାସିକ ପଥରବନ୍ଧ ଜରାଜୀର୍ଣ୍ଣ

# ନଷ୍ଟ ହୋଇଯାଉଛି ପୁରାତନ କୀର୍ତ୍ତିରାଜି

ଆନନ୍ଦପୁର,୪।୪(ସମିସ)



ପ୍ରାୟ ୯୦୦ ଖ୍ରୀଷ୍ଟାବ୍ଦରେ ରାଜା ଯଯାତି କେଶରୀ କୁଶେଇ ନଦୀର ବନ୍ୟା ଦାଉରୁ ଦେଓଗାଁ ଅଞ୍ଚଳକୁ ରକ୍ଷା କରିବା ପାଇଁ ଏଠାରେ ନିର୍ମାଣ କରାଯାଇଥିବା ଓଡିଶାର ଦ୍ୱିତୀୟ ପଥର ବନ୍ଧ ଆଜି ଜରାଜୀର୍ଣ୍ଣ ହୋଇପଡିଛି। ପ୍ରଶାସନିକ ଅବହେଳା ଓ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହି ଐତିହାସିକ ପୁରାତନ କୀର୍ତ୍ତିରାଜି ଧୀରେ ଧୀରେ ନଷ୍ଟ ହୋଇଯାଉଥିବାରୁ ବିଭିନ୍ନ ମହଲରେ ଏନେଇ ପ୍ରତିକ୍ରିୟା ପ୍ରକାଶ ପାଉଛି। ୫୦୦ ମିଟର ଲମ୍ବ ଏହି ବନ୍ଧ ନଦୀ ପତନଠାରୁ ପ୍ରାୟ ୧୫ ଫୁଟ ଉଚ୍ଚତାରେ ନିର୍ମାଣ ହୋଇଥିଲା। ଦୁଇପାଶ୍ୱର୍ର ଆଡି ବନ୍ଧ ସହ ୧୨ ଫୁଟ ଓସାରର ଏହି ପଥର ବନ୍ଧ ଉପରେ ଛୋଟ ଛୋଟ ଗମ୍ବୁଜ ନିର୍ମାଣ କରାଯାଇଥିଲା। ଏହି ପଥର ବନ୍ଧ ଉପରୁ ବନ୍ୟା ପରିସ୍ଥିତି ନିରୀକ୍ଷଣ କରାଯିବାର ବ୍ୟବସ୍ଥା ଥିବା ବେଳେ ନଦୀକୁ ସ୍ନାନ ଶୌଚ ପାଇଁ ଯିବାକୁ ୪ ଗୋଟି ଘାଟର ବ୍ୟବସ୍ଥା ରହିଛି। କୁଶେଇ ନଦୀର ବନ୍ୟା ଦାଉରୁ ରକ୍ଷା କରିବା ଲାଗି ନିର୍ମିତ ପଥରବନ୍ଧ ରକ୍ଷଣାବେକ୍ଷଣ ଅଭାବରୁ ଅସୁରକ୍ଷିତ ହୋଇପଡିଛି। ପ୍ରତିବର୍ଷ ଏହାର ମରାମତି ପାଇଁ ସରକାରୀ ଅନୁଦାନ ବ୍ୟୟ କରାଯାଉଥିଲେ ମଧ୍ୟ ଏହି ପୁରାତନ କୀର୍ତ୍ତିରାଜି ସୁରକ୍ଷିତ ନୁହେଁ ବୋଲି ଜଣାଯାଇଛି। ଜଳସେଚନ ବିଭାଗ (ବନ୍ୟା) ପକ୍ଷରୁ ଏହି ବନ୍ଧର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ପ୍ରତିବର୍ଷ ଆର୍ଥିକ ଅନୁଦାନ ଯୋଗାଇ ଦେଉଥିଲେ ମଧ୍ୟ ପଥରବନ୍ଧ ପରିବର୍ତ୍ତେ ମାଟିବନ୍ଧରେ ଏହି ଅର୍ଥ ବିନିଯୋଗ କରାଯାଉଥିବାରୁ ଏହି ପ୍ରାଚୀନ ପଥରବନ୍ଧ ଭୁଶୁଡି ପଡିବା ପରିସ୍ଥିତି ସୃଷ୍ଟି ହୋଇଛି। ଆନନ୍ଦପୁର ଜଳସେଚନ ବିଭାଗ (ବନ୍ୟା) ଅଧୀନରେ ଥିବା ଏହି ପଥରବନ୍ଧ ଆଜକୁ କିଛି ଦିନ ହେବ ଅସୁରକ୍ଷିତ ହୋଇପଡି ଭୁଶୁଡି ପଡିବା ପରିସ୍ଥିତି ସୃଷ୍ଟି ହୋଇଛି। ଦେଓଗାଁର କୁଶେଇ ନଦୀ କୂଳରେ ରହିଛି ଓଡିଶାର ସର୍ବ ପୁରାତନ ଶୈବପୀଠ ଶ୍ରୀକୁଶଳେଶ୍ୱରଙ୍କ ମନ୍ଦିର। ଏହି ମନ୍ଦିର ସମ୍ମୁଖରେ ଥିବା ପଥରବନ୍ଧ ଦୀର୍ଘ ଦିନ ଧରି ରକ୍ଷଣାବେକ୍ଷଣ ହେଉନଥିବାରୁ ଅନାବନା ଗଛଲତା ମାଡିଯାଇ ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ପରିଲକ୍ଷିତ ହୋଇଛି। ତେବେ ପଥରବନ୍ଧର ସୁରକ୍ଷା ଜରୁରୀ ହୋଇପଡିଥିବାରୁ ଜଳସେଚନ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବି ମହଲରେ ଦାବି ହୋଇଛି।

# ସୁଧୀରଙ୍କୁ ସହାୟତାର ହାତ ବଢ଼ାଇଲା ମହାବୀର ସେବା ସଙ୍ଗଠନ



**ଆନନ୍ଦପୁର,୪।୪(ସମିସ):** ଅର୍ଥ ଅଭାବରୁ ତିନିମାସ ହେଲା ରୋଗ ଶଯ୍ୟାରେ ପଡ଼ି ରହିଛନ୍ତି ସୁଧୀର ତ୍ରିପାଠୀ। ଏ ଖବର ପ୍ରକାଶ ହୋଇଥିଲା। ପ୍ରକାଶିତ ଖବର ଦେଖି ଆଜି ମହାବୀର ସେବା ସଙ୍ଗଠନର ସଦସ୍ୟ ଓ ସଦସ୍ୟାମାନେ ସହଯୋଗର ହାତ ବଢାଇଛନ୍ତି। ସୂଚନା ଅନୁଯାୟୀ, କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ୍ ଅନ୍ତର୍ଗତ ମଛାଳ ପଞ୍ଚାୟତ ରୁଦ୍ରନାରାୟଣପୁର ଗ୍ରାମର ସୁଧୀର ତ୍ରିପାଠୀ (୬୫)ଙ୍କ ବ୍ରେନ୍ ଷ୍ଟ୍ରୋକ ରୋଗରେ ଆକ୍ରାନ୍ତ ହୋଇ ତିନିମାସ ହେଲା ଶଯ୍ୟାରେ ପଡ଼ିରହିଛନ୍ତି। ସେ ଜଣେ ଦୀନ ମଜୁରିଆ ହୋଇଥିବା ବେଳେ ପରିବାର କହିଲେ ପତ୍ନୀ ସଞ୍ଜୁଲତା ତ୍ରିପାଠୀଙ୍କ ଛଡା ଆଉ କେହି ନିଜର ବୋଲି ନାହାନ୍ତି। ସୁଧୀର ସୁସ୍ଥ ଥିବା ବେଳେ ଏକ ଘରୋଇ କମ୍ପାନୀରେ କାମ କରି ଯାହା ରୋଜଗାର କରନ୍ତି ସେଇ ସ୍ୱଳ୍ପ ରୋଜଗାର ଗୁଜୁରାଣ ମେଣ୍ଟାଉଥିଲେ। ଏବେ ତିନିମାସ ହେଲା ବ୍ରେନ୍‌ଷ୍ଟ୍ରୋକ ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାରେ ପଡ଼ିରହି ଥିବା ବେଳେ ପତ୍ନୀ ସଞ୍ଜୁଲତା ଚିନ୍ତାରେ ଥାଇ ଆଖିରୁ ଲୁହ ଗଡ଼ାଇ ଦୀନ କାଟୁଛନ୍ତି। ପରିବାର ଚାଲିବା ବୋହୁ କଷ୍ଟକର ହେଉଥିବା ବେଳେ ଓଳିଏ ଖାଇଲେ ଆର ଓଳିକୁ ନାହିଁ ବନ୍ଧୁବାନ୍ଧବ ଓ ପ୍ରିୟଜନ ମାନେ ଯାହା ଦେଉଛନ୍ତି ତାହାକୁ ଖାଇ ଦୀନ କାଟୁଥିବା ବେଳେ ଔଷଧ ଖାଇବା ପାଇଁ ଅର୍ଥ ନଥିବାରୁ ସହାୟତା ପାଇଁ ନିବେଦନ କରିଥିଲେ। ଆଜି ଆନନ୍ଦପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହାବୀର ସେବା ସଙ୍ଗଠନ କର୍ମକର୍ତ୍ତା ବାବୁଲି ସାହୁ, ପ୍ରସନ୍ନ ଜେନା, ସନ୍ତୋଷ ରାଉତ, ଲିପାଞ୍ଜଳି ଜେନା, ବଦ୍ରିନାଥ ପରିଡା, ମହେନ୍ଦ୍ର ପାତ୍ର, ସୁରେନ୍ଦ୍ର ନାଏକ, ମାମୁନି ଜେନା, ସତ୍ୟରଞ୍ଜନ ଜେନା ପ୍ରମୁଖ ତାଙ୍କ ପରିବାର ଭେଟି ଦୁଇ ହଜାର ଟଙ୍କା ଆର୍ଥିକ ସାହାଯ୍ୟ କରିବା ସହ ଏକ ମାସ ପାଇଁ ରାସନ ସାମଗ୍ରୀ ପ୍ରଦାନ କରିଥିଲେ।

